

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୫ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 15 November 2025

Vol.No. 36 ■ No.300 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


### ଉପନିର୍ବାଚନରେ ନୂଆପଡ଼ା ଲେଖିଲା ନୂଆ ଇତିହାସ

## ୮୩ ହଜାରରୁ ଅଧିକ ଭୋଟରେ ଜିତିଲେ ଜୟ ଢୋଲକିଆ

ନୂଆପଡ଼ା , ୧୪/୧୧ (ନି.ପ୍ର): ନୂଆପଡ଼ା ଉପନିର୍ବାଚନରେ ବାଜି ମାରିଛି ବିଜେପି। ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ୮୩ ହଜାର ୭୪୮ ଖଣ୍ଡ ଭୋଟ୍ ?ରେ ପରାସ୍ତ କରିଛନ୍ତି। ଏହା ସହିତ ନୂଆପଡ଼ା ଆସନଟି ବିଜେଡି ହାତରୁ ଚାଲିଯାଇଛି। ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୧ ଲକ୍ଷ ୨୩ ହଜାର ୮୬୯ ଖଣ୍ଡ ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୪୦ ହଜାର ୧୨୧ ଖଣ୍ଡ ଭୋଟ୍ ପାଇଛନ୍ତି। ସେହିପରି ତୃତୀୟ ସ୍ଥାନକୁ ଖସି ଯାଇଥିବା ବିଜେଡି ୩୮ ହଜାର ୪୦୮ ଖଣ୍ଡ ଭୋଟ୍ ପାଇଛି। ବିଜେଡି ଏଥର ସ୍ନେହାଙ୍ଗିନୀ ଛୁରିଆଙ୍କୁ ଏଠାରୁ



ପ୍ରାର୍ଥୀ କରିଥିଲା। ନୂଆପଡ଼ାବାସୀଙ୍କୁ ଏହି ବିଜୟର ଶ୍ରେୟ ଦେଇଛନ୍ତି ଜୟ ଢୋଲକିଆ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ତାଙ୍କ ବାପାଙ୍କ ପାଇଁ ଏହି ବିଜୟ ମିଳିଛି ବୋଲି ସେ କହିଛନ୍ତି। ଏହି ଉପନିର୍ବାଚନରେ ଚତୁର୍ଥ ସ୍ଥାନରେ ରହିଛି ବା ଉପରୋକ୍ତ (ପ୍ରାର୍ଥୀ) ମାନଙ୍କ ମଧ୍ୟରୁ କେହି ନୁହନ୍ତି। ନୋଟା ସପକ୍ଷରେ ୨୨୪୮ ଖଣ୍ଡ ଭୋଟ୍ ପଡ଼ିଛି। ପଞ୍ଚମ ସ୍ଥାନରେ ରହିଛନ୍ତି ସ୍ୱାଧୀନ ପ୍ରାର୍ଥୀ ଲୋଚନ ▶▶ପୃଷ୍ଠା ୭

## ସବୁ ରେକର୍ଡ ଭାଙ୍ଗିଦେଲା ଏନଡିଏ: ମିଳିଲା ଆଶ୍ଚର୍ଯ୍ୟଜନକ ସଫଳତା

ନୂଆଦିଲ୍ଲୀ,୧୪/୧୧ : ବିହାରରେ ଦୋ ଶହ ପାର। ନୀତୀଶ ମୋଦିଙ୍କ ଯୋଡ଼ି ମାରିଲା ଡବଲ ସେଞ୍ଚୁରୀ। ବିରୋଧୀ ମହଗଠବନ୍ଧନ ଜଳକା ପାଲଟିଲା। ଏପରିକି ଏକଜିଟ ପୋଲ ଆକଳନ ବି ପଛରେ ପଡ଼ିଗଲା। ବିହାରୀ ଭୋଟରଙ୍କୁ ମନାଇବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେଶ ସଫଳ ହେଲେ ଯେଉଁଥିପାଇଁ ଦଳ ଏକକ ସଂଖ୍ୟା ଗରିଷ୍ଠ ଦଳର ମାନ୍ୟତା ପାଇଛି। ଜଙ୍ଗଲ ରାଜରୁ ଏବେ ଚାଲିବ ମଙ୍ଗଲ ରାଜ। ତେବେ କେଉଁ ଫ୍ୟାକ୍ଟର କାମ ଦେଲା ଆଉ କେଉଁ ପଏଣ୍ଟରେ ବିରୋଧି ନିରାଶ ହେଲେ ପଢ଼ନ୍ତୁ ଏହି ରିପୋର୍ଟ। ବିହାରରେ ଚାଲିବ ନୀ-ମୋ ରାଜ। ନୀତୀଶ-ମୋଦିଙ୍କ କମ୍ବୋରେ ବିରୋଧି ଜଳକା । ଖାଲି ହୋଇଗଲା ଆରଜେଡି, କଂଗ୍ରେସ ପୂରା ସଫା। ମୋଦିଙ୍କୁ ଭରସା କଲେ ବିହାରି ଭୋଟର। ବିହାର କେକ୍ ର ଚେରି ବନିଗଲେ ପ୍ରଧାନମନ୍ତ୍ରୀ । ଚାଲିଛି ସେଲିବ୍ରେସନ। ଖୁସିରେ ନାଚୁଛନ୍ତି,



ମସ୍ତିରେ ଝୁମୁଛନ୍ତି କର୍ମୀ ଓ ନେତା। ସମସ୍ତଙ୍କୁ ଚକିତ କରି ବିହାରରେ ଆଶାତୀତ ସଫଳତା ପାଇଲା ଏନଡିଏ। ସବୁ ପ୍ରସଙ୍ଗକୁ ପଛରେ ପକାଇ ବିହାରରେ ହେଲା ନୂଆ ସମୀକରଣ। ଜାତି, ଧର୍ମକୁ ପଛ କରି ବିକାଶକୁ ଜାବୁଡ଼ି ଧରିଲେ ଭୋଟର। ସଂଖ୍ୟାଲଘୁ ସମ୍ପ୍ରଦାୟ ବି ଆଖିବୁଝା ଏନଡିଏକୁ ପିଟିଦେଲେ ଭୋଟ। କାମ ଦେଲାନି ବିରୋଧୀଙ୍କ ନାରା। ପ୍ରଥମଥର ପାଇଁ ଏକକ ସଂଖ୍ୟାଗରିଷ୍ଠ ପାର୍ଟିର ମାନ୍ୟତା ପାଇବା ପରେ ଖୁସିରେ କୁଣ୍ଢେମୋଟ ବିଜେପି ଶିବିର। ପ୍ରାରମ୍ଭିକ ଟ୍ରେଣ୍ଡ ଆସିବା ପରେ ଦଳୀୟ କାର୍ଯ୍ୟାଳୟରେ ଏମିତି କିଛି ଭିନ୍ନ ଢଙ୍ଗରେ ହୋଇଥିଲା ସେଲିବ୍ରେସନ। ତେବେ କାହିଁକି ଆଶାତୀତ ବଦଳିଗଲା ବିହାର ? ବିଜେପିକୁ ଏତେ ଭରସା କରିବା ପଛର କାରଣ କଣ ? କୁହାଯାଉଛି ଚଳିତ ନିର୍ବାଚନରେ ଏନଡିଏର ଗୋଟିଏ ନାରା ଲୋକଙ୍କୁ ବେଶ ଛୁଇଁଥିଲା। ଦଶ ହଜାରି ଚୁନାଓ ହୈ, ଦୁସରି ତରଫ କଟ୍ଟା ସରକାର ହୈ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନୀତୀଶ କୁମାରଙ୍କ ଏହି ନାରା ଘରେ ଘରେ ପହଞ୍ଚିଲା। ବିହାରର କୋଟିଏ ୩୦ ଲକ୍ଷ ଭୋଟରଙ୍କୁ ଏହା ବହୁଳ ଭାବରେ ପ୍ରଭାବିତ କଲା। ମହିଳା ଭୋଟ ବ୍ୟାଙ୍କକୁ ଅଧିକ ମଜବୁତ କଲା ବୋଲି ରାଜନୈତିକ ପଣ୍ଡିତ ମତ ରଖିଛନ୍ତି।

## ନୂଆପଡ଼ା ଓ ବିହାରରେ ଇତିହାସ ସୃଷ୍ଟି ହୋଇଛି: ମୋହନ

ଭୁବନେଶ୍ୱର, ୧୪/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆଜି ଏକ ଐତିହାସିକ ଦିନ। ଏକ ଐତିହାସିକ ମୁହୂର୍ତ୍ତ। ବିହାର ବିଧାନସଭା ନିର୍ବାଚନ ଏବଂ ନୂଆପଡ଼ା ଉପନିର୍ବାଚନରେ ଇତିହାସ ସୃଷ୍ଟି ହୋଇଛି। ନୂଆପଡ଼ା ଉପନିର୍ବାଚନରେ ଅଂଶଗ୍ରହଣ କରି ଯେଉଁମାନେ ଭାରତୀୟ ଜନତା ପାର୍ଟି (ବିଜେପି)କୁ ବିପୁଳ ସମର୍ଥନ ଜଣାଇଛନ୍ତି, ସେହିମାନଙ୍କୁ ଧନ୍ୟବାଦ ଜଣାଉଛି। ଏହି ନିର୍ବାଚନ ଓଡ଼ିଶା ରାଜନୀତି ପାଇଁ ଐତିହାସିକ। ଏହା ଆଗାମୀ ଦିନରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ପାଇଁ ସହଯୋଗ



କରିବ। ଆଜିର ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନେତୃତ୍ୱର ଫଳ। ଲୋକଙ୍କର ସରକାରରେ ବିଗତ ୧୬ ମାସ ଧରି ଜନସାଧାରଣ ଉପକୃତ ହୋଇଛନ୍ତି। ଲୋକଙ୍କର ପାଇଁ ସରକାର ଜନକଲ୍ୟାଣ ଯୋଜନା ଓ ସ୍ୱଚ୍ଛ ଶାସନ ବ୍ୟବସ୍ଥା କରିଛନ୍ତି। ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ ପାଇଁ ଡବଲ ଇଂଜିନ ସରକାର ଆଗକୁ ନେଇଛି ବୋଲି ଏହି ନିର୍ବାଚନ ପ୍ରମାଣିତ କରୁଛି। ଆମେ ଜନସାଧାରଣ କହିଥିଲୁ ଯେ, ନୂଆପଡ଼ା ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ। ନୂଆପଡ଼ାବାସୀ ଆମକୁ ସମର୍ଥନ ଜଣାଇଛନ୍ତି। ▶▶ପୃଷ୍ଠା ୭

## ଭାଙ୍ଗିଗଲା ବିଜେଡିର 'ବ୍ରାଣ୍ଡ ନବୀନ' ଦମ୍ଭ: ନୂଆପଡ଼ାରେ ତୃତୀୟ ସ୍ଥାନକୁ ଖସିଗଲା ଶଙ୍ଖ ଦଳ




ଭୁବନେଶ୍ୱର, ୧୪/୧୧ (ନି.ପ୍ର): ବିଜେଡିକୁ ନୂଆପଡ଼ା ସକ୍। ଭାଙ୍ଗିଗଲା ବିଜେଡିର 'ବ୍ରାଣ୍ଡ ନବୀନ' ଦମ୍ଭ । ଏକାବେଳେ ତୃତୀୟ ସ୍ଥାନକୁ ଖସିଗଲା ଶଙ୍ଖ ଦଳ। ବାରମ୍ବାର ଚେଷ୍ଟା କରିବି ଗଡ଼ ବଞ୍ଚାଇପାରିଲେନି ଖୋଦ୍ ନବୀନ। କୁହାଯାଉଛି ଶଙ୍ଖ ସୁପ୍ରିମୋଙ୍କ ବେଇମାନ ପଲିଟିକ୍ସ ଆଉ ବାହାରି ନେତାଙ୍କୁ ପ୍ରାର୍ଥୀ କରିବା ଦଳକୁ ଏକଦମ୍ ବ୍ୟାକଫୁଟକୁ ନେଇଗଲା। ତେବେ କାହିଁକି ନୂଆପଡ଼ାବାସୀଙ୍କ ଆସ୍ଥା ହରାଇଲା ▶▶ପୃଷ୍ଠା ୭

## ଦିଲ୍ଲୀ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ବୋଧନ: କହିଲେ, 'ଏନଡିଏ ଜନତା ଜନାର୍ଦ୍ଦନ ସେବକ'



ନୂଆଦିଲ୍ଲୀ,୧୪/୧୧ : ବିହାରରେ ଏନ୍‌ଡିଏର ବିପୁଳ ବିଜୟ । ବିଜେପିର ବମ୍ପର ବିଜୟ ପରେ ଦିଲ୍ଲୀ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ମୋଦୀ ସମ୍ବୋଧନ କରିଛନ୍ତି । ମୋଦୀ କହିଛନ୍ତି , ବିପୁଳ ବିଜୟ ଅତୁଟ ବିଶ୍ୱାସର ପ୍ରତିଫଳିନ । ଏନଡିଏ ଜନତା ଜନାର୍ଦ୍ଦନଙ୍କ ସେବକ । ନୀତିଶ କୁମାରଙ୍କ ପ୍ରଶଂସା କରି ମୋଦୀ କହିଛନ୍ତି ନୀତିସ ଜୀ ବହୁତ ଭଲ ନେତୃତ୍ୱ ଦେଇଥିଲେ । ଚିରାଗ ମଧ୍ୟ ଭଲ ଲିଡରସିପ୍ ଦେଖାଇଛନ୍ତି। ନୂଆପଡା ଜନତାଙ୍କୁ ମଧ୍ୟ ଧନ୍ୟବାଦ କହିଛନ୍ତି ମୋଦୀ । ମୋଦୀ ବିରୋଧିଙ୍କୁ ତେରଛା ବାଣ ମାରି କହିଛନ୍ତି କିଛି ଦଳ ତୁଷ୍ଟୀକରଣ ରାଜନୀତି କରୁଥିଲେ । ଗଣ ଫର୍ମୁଲାରେ କିଛି ଦଳକାମ କରୁଥିଲେ । ଜଙ୍ଗଲରାଜ ଓ ସାମ୍ପ୍ରଦାୟିକ ନୀତିକୁ ନାକଚ । ଶେଷରେ ମୋଦୀ ନିର୍ବାଚନ ଆୟୋଗ, ବିହାର ଜନତା, ସରକ୍ଷାକର୍ମୀଙ୍କୁ ଧନ୍ୟବାଦ ଜଣାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ବିହାରର ଲୋକମାନେ ଏକ ବିକଶିତ ବିହାର ପାଇଁ ଭୋଟ ଦେଇଛନ୍ତି । ବିହାରର ଲୋକମାନେ ଏକ ସମୃଦ୍ଧ ବିହାର ପାଇଁ ଭୋଟ ଦେଇଛନ୍ତି । ନିର୍ବାଚନ ପ୍ରଚାର ସମୟରେ, ମୁଁ ବିହାରର ଲୋକମାନଙ୍କୁ ରେକର୍ଡ ସଂଖ୍ୟାରେ ଭୋଟ ଦେବାକୁ ଅନୁରୋଧ କରିଥିଲି, ଏବଂ ବିହାରର ଲୋକମାନେ ସମସ୍ତ ରେକର୍ଡ ଭାଙ୍ଗି ଦେଇଥିଲେ। ▶▶ପୃଷ୍ଠା ୭

## ଘାସିରାମ ମାଝୀଙ୍କ କ୍ଷୋଭ: ଭୋଟର ଟଙ୍କାରେ କିଣି ହୋଇଗଲେ

ଭୁବନେଶ୍ୱର, ୧୪/୧୧ (ନି.ପ୍ର): ନୂଆପଡା ଉପନିର୍ବାଚନ ଜନାଦେଶକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି କଂଗ୍ରେସ ନେତା ଘାସିରାମ ମାଝୀ । ସେ କହିଛନ୍ତି ଯେ, ନୂଆପଡ଼ା ଉପନିର୍ବାଚନରେ ଭୋଟର ଟଙ୍କାରେ କିଣି ହୋଇଗଲେ, ମାଟି ପୁଅକୁ ଚିହ୍ନିଲେନି । କେନ୍ଦ୍ରୀୟ ନେତାଙ୍କ ସାହାଯ୍ୟ, ସମର୍ଥନ ମିଳିଲାନି । ଆବ୍ରାହମ୍ ଲିଙ୍କନ ୯ ଥର ହାରିଥିଲେ, ମୁଁ ୬ ଥର




ହାରିଛି । ଆଉ ୩ ଥର ନିର୍ବାଚନ ଲଢ଼ିବି ବୋଲି ଘାସିରାମ ମାଝୀ କହିଛନ୍ତି । ଗତ ଥର ଏକାକୀ ଲଢ଼ି ପାଇଥିଲେ ୫୦ ହଜାର ଭୋଟ୍। ହେଲେ ଏଥର ଦଳ ବଳ ସହ ମଇଦାନକୁ ଓହ୍ଲାଇବା ପରେ ବି ୪୦ ହଜାରରେ ରହିଲେ ସୀମିତ। ନୂଆପଡ଼ା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି DARK HORSE ହେବେ ବୋଲି ଚର୍ଚ୍ଚା ହେଉଥିଲା।

## ପାକିସ୍ତାନର ସାଂଘାତିକ ଧମକ: ଭାରତକୁ ଦୁଇଆଡୁ କରିବ ଆକ୍ରମଣ

ଇସଲାମବାଦ,୧୪।୧୧: ଇସଲାମାବାଦରେ ଆତ୍ମଘାତୀ ବିସ୍ଫୋରଣ ପରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଏକ ପ୍ରମୁଖ ବିବୃତ୍ତି ଦେଇଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନ ପୂର୍ବ ସୀମାରେ ଭାରତ ଏବଂ ପଶ୍ଚିମ ସୀମାରେ ଆଫଗାନ ତାଲିବାନ ବିରୋଧରେ ଦୁଇ ମୋର୍ଚ୍ଚା ଯୁଦ୍ଧ ଲଢ଼ିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଖ୍ୱାଜା ଆସିଫଙ୍କ ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ଆଭ୍ୟନ୍ତରୀଣ ଅସ୍ଥିରତା, ଆର୍ଥିକ ମାନ୍ଦାବସ୍ଥା ଏବଂ ଉଭୟ ପଡ଼ୋଶୀଙ୍କ ସହ ବଢ଼ୁଥିବା ଉତ୍ତେଜନା ସହିତ ସଂଘର୍ଷ କରୁଛି। ଏହି ସମୟରେ, ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯେ ପାକିସ୍ତାନ କ'ଣ ପ୍ରକୃତରେ ଦୁଇ



ମୋର୍ଚ୍ଚା ଯୁଦ୍ଧ ପାଇଁ ସକ୍ଷମ ? ଆସନ୍ତୁ ଜାଣିବା। ଯେକୌଣସି ଯୁଦ୍ଧ, ଏବଂ ବିଶେଷକରି ଦୁଇ ମୋର୍ଚ୍ଚା ଯୁଦ୍ଧ ପାଇଁ, ବିପୁଳ ଆର୍ଥିକ ସଂରକ୍ଷଣ, ଏକ ଦୃଢ଼ ଉତ୍ପାଦନ ପାଇପଲାଇନ ଏବଂ ସ୍ଥିର ଶାସନ ଆବଶ୍ୟକ। ପାକିସ୍ତାନରେ ଏଗୁଡ଼ିକର ଅଭାବ ଅଛି। ପାକିସ୍ତାନ ବର୍ତ୍ତମାନ ଅତ୍ୟନ୍ତ କମ ବୈଦେଶିକ ମୁଦ୍ରା ସଂରକ୍ଷଣ, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ବାରମ୍ବାର ଓଗର ପାଣ୍ଠି ବ୍ଲକଆଉଟ ସହିତ ସଂଘର୍ଷ କରୁଛି। ଯୁଦ୍ଧର ମୂଲ୍ୟ ଏହାର ଦୁର୍ବଳ ଅର୍ଥନୀତିର ଅବଶିଷ୍ଟ ଅଂଶକୁ ନଷ୍ଟ କରିଦେବ। ଏହି ଯୁଦ୍ଧ ମାସ ନୁହେଁ, ଦିନରେ ପାକିସ୍ତାନକୁ ଆର୍ଥିକ ପତନ ଆଡ଼କୁ ଠେଲି ଦେବ।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ: ଆଜୀବନ କରାଦଣ୍ଡ ରାୟକୁ ପୁଞ୍ଜିଲାଲଙ୍କ ଚାଲେଞ୍ଜ

କଟକ, ୧୪/୧୧ (ନି.ପ୍ର): ବହୁ ଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ହାଇକୋର୍ଟ ନିମ୍ନ ଅଦାଲତ ରେକର୍ଡ ତଲବ କରିଛନ୍ତିୟ ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଓ ଦେରା ଜଜ୍ ଅଦାଲତଙ୍କ ୨୦୨୫, ମେ ୨୮ର ଆଜୀବନ କରାଦଣ୍ଡ ରାୟକୁ ଚାଲେଞ୍ଜ କରି ଅଧାପକ ପୁଞ୍ଜିଲାଲ ମେହେର ଦାୟର କରିଥିବା ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିବା ସହିତ ନିମ୍ନ ଅଦାଲତ ରେକର୍ଡ ତଲବ କରିଛନ୍ତିୟ ପରବର୍ତ୍ତୀ ତାରିଖରେ ଜରିମାନା ରାଶି ପାଇଠ ନିର୍ଦ୍ଦେଶ ଉପରେ ରହିତାଦେଶ ଓ ଅପିଲ ବିଚାରାଧୀନ ଥିବା ବେଳେ ଜାମିନ ପ୍ରଦାନ ପାଇଁ ପୁଞ୍ଜିଲାଲଙ୍କ ତରଫରୁ ଦାୟର



ଅନ୍ତରୀଣ ଆବେଦନ ଉପରେ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତିୟ ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ପୁଞ୍ଜିଲାଲଙ୍କ ଅପିଲର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଉଲ୍ଲେଖଯୋଗ୍ୟ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ୨୦୨୫, ମେ ୨୮ରେ ପାଟଣାଗଡ଼ ଅତିରିକ୍ତ ଦେରା ଜଜ୍ ଅଦାଲତ ରାୟ ପ୍ରକାଶ କରି ପୁଞ୍ଜିଲାଲଙ୍କୁ ଆଜୀବନ କରାଦଣ୍ଡ ପ୍ରଦାନ କରିଥିଲେୟ ଅଦାଲତ ଆଇପିସିର ଦଫା ୩୦୨, ୩୦୭, ୨୦୧, ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍ସ ଆଇନର ଧାରା ୩ ଓ ୪ରେ ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଗତ ୨୦୧୮, ଫେବ୍ରୁଆରି ୨୩ରେ ନବ ବିବାହିତ ସୌମ୍ୟଶେଖର ଓ ପତ୍ନୀ ରୀମା ପାର୍ସଲ ଖୋଲୁଥିବା ବେଳେ ବିସ୍ଫୋରଣ ଘଟିଥିଲାୟ ଘଟଣାସ୍ଥଳରେ ସେମ୍ୟଶେଖରଙ୍କ ଜେଜେ ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ସେମ୍ୟଶେଖର ଓ ରୀମାଙ୍କୁ ବଲାଙ୍ଗୀର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ସୌମ୍ୟ ଶେଖରଙ୍କ ମୃତ୍ୟ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ରୀମାଙ୍କୁ କଟକ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ସର୍କିଟ ହାଉସରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ପୁରୀ,୧୪/୧୧ (ନି.ପ୍ର): ସର୍କିଟ ହାଉସ ଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ବିଭାଗର ସମସ୍ତ ସରକାରୀ ଯୋଜନା ଉପରେ ସମୀକ୍ଷା କରିଥିଲେ । ଜିଲ୍ଲାର ମୋଟ ୧୧ଗୋଟି ତହସିଲ ଏବଂ ୧୨୨ ଗୋଟି ଆରଆଇ ଅଫିସ ର ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ସମସ୍ତ ତହସିଲ ଓ ଆରଆଇ ଅଫିସ ବାଇ ଓ ମେଟ୍ରିକ୍ ଉପସ୍ଥାନ ଓ ଓସାସ୍ ଫାଇଲ୍ ଉପରେ ସମୀକ୍ଷା କରିଥିଲେ । ବିଭିନ୍ନ ସରକାରୀ ଯୋଜନାରେ ବସୁନ୍ଧରା ଯୋଜନା ଅର୍ନ୍ତୋଦୟ ଯୋଜନା ଉପରେ ତର୍ଜମା କରିବା ସହିତ ଜମିଜମା ରେକର୍ଡ ଉପରେ କେଉଁ ବ୍ୟକ୍ତି ଲିଜ୍ ନେଇଛନ୍ତି ବା କେତେ ଜବର ଦଖଲ କେଶ୍ ପଡ଼ି ରହିଛି ତାହା ତର୍ଜମା କରିଥିଲେ । ସମସ୍ତ ସରକାରୀ ଜମି ଯେପରି ଜବର ଦଖଲ ମୁକ୍ତ କରାଯିବ, ତାହା ଉପରେ କଡ଼ା ପଦକ୍ଷେପ ନେବାକୁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲାର ବିଭିନ୍ନ ପ୍ରକାର ଜମିଜମା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ବୈଠକର ୩ ମାସ ପରେ ପୁଣି ସମୀକ୍ଷା କରିବେ ବୋଲି ମନ୍ତ୍ରୀ କହିଥିଲେ । ଯେଉଁ ତହସିଲ୍‌ର ଲ୍ୟାଣ୍ଡ ରେକର୍ଡ,ଜାତି ପ୍ରମାଣପତ୍ର, ଜବର ଦଖଲ ମକଦ୍ଦମା ଫଇସଲା କରିବା ସହିତ ଆଗାମୀ ୩ ମାସ ଭିତରେ ସମସ୍ତ ସରକାରୀ ଯୋଜନା ଗୁଡିକୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର,ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଏହି ବୈଠକରେ ଯୋଗ ଦେଇଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଶରତଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ), ଶରତଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ୍) ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ସହଦେବ ସାହୁ ସମସ୍ତ ତହସିଲର ତହସିଲଦାରମାନେ ଓ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଉପସ୍ଥିତ ଥିଲେ ।

# ପୌର ପରିଷଦ ଟେକ୍ସ କଲେକ୍ଟରଙ୍କୁ ନିଲମ୍ବନ କଲେ ସୁବର୍ଣ୍ଣପୁର ଜିଲ୍ଲାପାଳ

ସୁବର୍ଣ୍ଣପୁର,୧୪/୧୧ (ନି.ପ୍ର): ବିଭାଗୀୟ କାର୍ଯ୍ୟରେ ଅବହେଳା ଓ ମନମାନି ଯୋଗୁଁ ଆଜି ସୋନପୁର ପୌର ପରିଷଦର ଟେକ୍ସ ଏଣ୍ଡ ଫି କଲେକ୍ଟର କୃଷ୍ଣ ଭକ୍ତ ନାଏକଙ୍କୁ ନିଲମ୍ବନ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ. ନୃପରାଜ ସାହୁ । ପ୍ରକାଶ ଥାଉକି, ଗତକାଲି ଜିଲ୍ଲାର ସମସ୍ତ ପୌର ପରିଷଦ ଓ ବିଜ୍ଞାପିତ ପରିଷଦ ମାନଙ୍କୁ ନେଇ ଜିଲ୍ଲାପାଳଙ୍କ ସଭାଗୃହ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କାର୍ଯ୍ୟ ତଦାରଖ ବେଳେ ଅନୁପସ୍ଥିତ ଥିବା ଟେକ୍ସ କଲେକ୍ଟର କୃଷ୍ଣ ଭକ୍ତ ନାଏକଙ୍କୁ ପ୍ରଥମେ ବିଭାଗୀୟ ଅଧିକାରୀ ଓ ପରେ ଜିଲ୍ଲାପାଳ ନିଜେ ବାରମ୍ବାର ଫୋନ୍ କଲା ସତ୍ୱେ ବି ଫୋନ ନ ଉଠାଇବା ଯୋଗୁଁ ଓ ଲୋକଙ୍କ ରାଜସ୍ୱ ପାଣ୍ଠିରୁ ମାସକୁ ୮୨ ହଜାର ଟଙ୍କା ଦରମା ନେଇ ଲୋକଙ୍କ ସେବାରେ ଓ ସରକାରୀ କାର୍ଯ୍ୟରେ ଘୋର ଅବହେଳା କରିଥିବା ଓ ତାଙ୍କ ନାଁ ରେ ବିଭିନ୍ନ ଅଭିଯୋଗ ଥିବା ଯୋଗୁଁ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଏ ପଦକ୍ଷେପ ନେଇଥିବା ଜଣାଯାଇଛି । ଆଜି ସକାଳ ୧୦ଟାରେ ଜିଲ୍ଲାପାଳ ଡଃ. ସାହୁ ପୁଣି ନିଜେ ପୌର ପରିଷଦ ଅଫିସରେ ପହଂଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ ଓ ସମ୍ପୃକ୍ତ କର୍ମଚାରୀ ଶ୍ରୀ ନାଏକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ନିଲମ୍ବନ କରିଥିବା ଖବର ମିଳିଛି।

# ପ୍ରାକୃତିକ ଗହୀର ମଥା ଜଙ୍ଗଲ କେନ୍ଦ୍ରାପଡାର ସୁରକ୍ଷା କବଚ

କେନ୍ଦ୍ରାପଡା,୧୪/୧୧ (ନି.ପ୍ର): ଗହୀର ମଥା କଇଁଛ ସୁରକ୍ଷା ସମିତିର ଆହ୍ୱାନରେ ପରିବେଷ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ଏକ ଆଲୋଚନା ଚକ୍ର ସମିତିର ସଭାପତି ପ୍ରକୃତି ବନ୍ଧୁ ହେମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବରେ ବରିଷ୍ଠ ପରିବେଷ ବିଜ୍ଞାନୀ ଡଃ ମିହିର ପଟ୍ଟନାୟକ ଯୋଗଦାନ କରି କହିଲେ ଗହୀରମଥା ଲୁଣା ଜଙ୍ଗଲ କେନ୍ଦ୍ରାପଡା ଜିଲ୍ଲା ପ୍ରାକୃତିକ ପ୍ରାଚୀର ଆଉ ବାତ୍ୟା ସାମୁଦ୍ରିକ ଝଡରୁ କେନ୍ଦ୍ରାପଡାର ସୁରକ୍ଷା କବଚ ମହାବାତ୍ୟା - ୧୯୯୯ରେ ଜଗତସିଂହ ପୁର ଜିଲ୍ଲାରେ ଯେତେ କ୍ଷୟକ୍ଷତି ଓ ଜୀବନ ହାନୀ ଘଟିଲା କେନ୍ଦ୍ରାପଡା ଜିଲ୍ଲା ହେନ୍ତାଳ ଜଙ୍ଗଲ ଯୋଗୁ ସୁରକ୍ଷିତ ରହିଲା । ସମ୍ମାନିତ ଅତିଥି ଭାବରେ ଓଡିଶୀ ମଂଚର ସଂପାଦକ ଦୀଲ୍ଲିପ ବିଶ୍ୱାଳ, ସମାଜ ସେବୀ ବାବାଜି ଧଳ, ଗୌତମ ଜେନା, ସମ୍ପାଦକ ଶ୍ରୀଧର ଭୋଳ, ପ୍ରକୃତିବନ୍ଧୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭାଂଶୁ କୁମାର ଦାସ, ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ପ୍ରଦୀପ ଦାସ, ସମ୍ପାଦକ ସଂଜୟ କୁମାର ଜେନା, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ଶରତ କୁମାର ରାଉତ, ନକୁଳ ପୃଷ୍ଟି, ଅନୁସ୍ୱୟା ସାମଲ ଯୋଗଦାନ କରି ବକ୍ତବ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟ ବକ୍ତାଭାବରେ ରେଭେନସା ବିଶ୍ୱବିଦ୍ୟାଳୟ ପ୍ରଫେସର ଶିବ ଶଙ୍କର ସାହୁ ଯୋଗଦାନ କରି ହେନ୍ତାଳ ପତ୍ରିକାକୁ ଉନ୍ମୋଚନ କରି କହିଲେ ହେନ୍ତାଳ ଜଙ୍ଗଲ ନରହିଲେ କେନ୍ଦ୍ରାପଡାର ଅନେକ ଅଂଚଳ ସାତଭାୟା ଆଉ ପେଣ୍ଠ ପରି ଅବସ୍ଥା ହେବ । ଏଣୁ ବ୍ୟାପକ ହେନ୍ତାଳ ବଣ ସୃଷ୍ଟି କରି ପ୍ରାକୃତିକ ସାମୁଦ୍ରିକ ପ୍ରାଚୀର ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ପଂଚାନନ ଗେରୁ ଧନ୍ୟବାଦ ଅର୍ପଣ କରିଥିଲେ । ମୃତ୍ୟୁଞ୍ଜୟ ସାହୁ, ପିତବାସ ବେହେରା, ରାଜୁ କୁବେର, ଧିରେନ୍ଦ୍ର ଦାସ, ଅଭିମନ୍ୟୁ ଗୋଛାୟତ, ଟୁଟୁ ଗେରୁ, ମଧୁସୂଦନ ଗେରୁ, ସତ୍ୟବ୍ରତ ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଅର୍ବାନ ବ୍ୟାଙ୍କର ପ୍ରାକ୍ତନ ସଂପାଦକଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡା,୧୪/୧୧ (ନି.ପ୍ର): ନ୍ଦ୍ରାପଡା ଅର୍ବାନ କୋ ଅପରେଟିଭ ବ୍ୟାଙ୍କର ପ୍ରାକ୍ତନ ସଂପାଦକ ଯୁଧିଷ୍ଠିର ଜେନାଙ୍କର ହୃଦଘାତ ରେ ପରଲୋକ ହୋଇଯାଇଛି । ଏହି ଖବର ଜଣାପଡିବା ପରେ ବ୍ୟାଙ୍କ କର୍ମଚାରୀଙ୍କ ମହଲରେ ଶୋକର ଛାୟା ଖେଳିଯିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରା ଯାଇଥିଲା । ସ୍ୱର୍ଗତ ଜେନା ବହୁ ବର୍ଷ ଧରି ସଂପାଦକ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରି ବ୍ୟାଙ୍କର ବହୁ ଉନ୍ନତି ବିଧାନ କରିଥିଲେ । ବ୍ୟାଙ୍କର ସଭାପତି ଗୁରୁ ଚରଣ ମହାନ୍ତି ଦିଲ୍ଲୀରେ ଏକ ଜରୁରୀ କାର୍ଯ୍ୟରେ ଥିବାବେଳେ ଏହି ଖବର ପାଇ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଶୋକ ପ୍ରକାଶ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ପଣ୍ଡାଙ୍କ ସମେତ ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ହିମାଂଶୁ ଶେଖର ଲେଙ୍କା, ଲଲାଟେଣ୍ଡୁ କେଶରୀ ଦାସ, ଭଞ୍ଜ କିଶୋର ଜେନା, ଶ୍ରୀକାନ୍ତ କୁମାର କର, ଆଦିତ୍ୟ କୁମାର ଶତପଥୀ, ସଙ୍ଗୀତା ନାୟକ, ଅରବିନ୍ଦ ସ୍ୱାଇଁ, ସନ୍ତୋଷ କୁମାର ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳା

କେନ୍ଦ୍ରାପଡା, ୧୩ ନଭେମ୍ବର (ହି.ସ.) ଗରଦପୁର ବ୍ଲକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପଶୁ ସମ୍ପଦ ମେଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ଚାଷୀ ଓ ଯୁବକମାନଙ୍କୁ ନୂତନ ଉତ୍ସାହ ପ୍ରଦାନ କରିବା ସହ ସରକାରୀ ଯୋଜନାଗୁଡ଼ିକର ପ୍ରଚାର ଓ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଛି । ମେଳାରେ ଆୟୋଜିତ ସଭାରେ ବ୍ଲକ ଅଧକ୍ଷ ଅଭୟ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅନ୍ୟାନ୍ୟ ସମ୍ମାନୀୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଡଲି ଶତପଥୀ, ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ନାୟକ, ବିଧାୟକଙ୍କ ପ୍ରତିନିଧି ଶୈଳେନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଏବଂ ଅତିରିକ୍ତ ଚିକିତ୍ସକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ମତ୍ସ୍ୟ ଚାଷ, ପଶୁପାଳନ ସହ ସରକାର ପ୍ରଦାନ କରୁଥିବା ବିଭିନ୍ନ ସବସିଡି ଏବଂ ବୀମା ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲୁଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ସଫଳ ମହିଳା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ନିଜର ଅଭିଜ୍ଞତା ବାଂଟି ଅନ୍ୟ ଚାଷୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସରକାରୀ ଯୋଜନାଗୁଡ଼ିକୁ ଗ୍ରାମାଂଚଳରେ ପହଂଚାଇବା ଏବଂ ଚାଷୀ ଓ ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବା। ବ୍ଲକ ଅଧିକାରୀଙ୍କ କହିବା ଅନୁଯାୟୀ, ଏପରି ମେଳା ମାଧ୍ୟମରେ ସରକାରୀ ସୁବିଧାଗୁଡ଼ିକ ସିଧାସଳଖ ଚାଷୀଙ୍କ ପାଖରେ ପହଂଚୁଛି ଏବଂ ଯୁବକମାନେ ଏହାର ଲାଭ ଉଠାଇବାକୁ ଉତ୍ସାହିତ ହେଉଛନ୍ତି। ମେଳାରେ ମତ୍ସ୍ୟ ଚାଷ ଏବଂ ପଶୁପାଳନ ସମ୍ପର୍କିତ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସରକାରୀ ବିଭାଗର ଅଧିକାରୀମାନେ ଯୋଜନାଗୁଡ଼ିକର ନିୟମାବଳୀ ଏବଂ ଆବେଦନ ପ୍ରକ୍ରିୟା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏହି ମେଳା ଚାଷୀମାନଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପାଲଟିଥିବା ବେଳେ ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ ଜାରି ରହିବ ବୋଲି ଆଶା କରାଯାଉଛି।

# ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ରେ ଜବାହରଲାଲଙ୍କ ୧୩୬ତମ ଜୟନ୍ତୀ ପାଳିତ

## ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ହେଲା ନାଟିକା : 'ମୋବାଇଲ୍ ଭୂତ'




ବାଲେଶ୍ୱର,୧୪/୧୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ସୁନ୍ଦରୀ ଗ୍ରାମରେ ଅବସ୍ଥିତ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍ ପରିସରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଜନ୍ମଦିନ ପାଳନ ଅବସରରେ ଇଂରାଜୀ ମାଧ୍ୟମରେ ପରିଚାଳିତ ସ୍କୁଲ୍‌ର ଶିକ୍ଷକ-ଶିକ୍ଷିକାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ମୋବାଇଲ୍ ଭୂତ' ନାଟିକା ମଂଚସ୍ଥ ହୋଇଯାଇଛି। ସର୍ବପ୍ରଥମେ ବିଶିଷ୍ଟ କାବ୍ୟସ୍ରଷ୍ଟା ବଙ୍କିମ ଚନ୍ଦ୍ରଙ୍କ 'ବନ୍ଦେ ମାତରମ୍' ଆବାହନୀ ସଙ୍ଗୀତରେ ଚାଚା ନେହେରୁଙ୍କ ଜନ୍ମଦିନ ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ବିଶିଷ୍ଟ କବି-ନାଟ୍ୟକାର ଶ୍ରୀଦେବ ଜବାହରଲାଲ୍‌ଙ୍କ ଉଚ୍ଚଶିକ୍ଷା ସାଂଗକୁ ବିଶାଳ ଭାରତବର୍ଷ ଗଠନର ଉଚ୍ଚାକାଂକ୍ଷା କିଭଳି ଆମ ଦେଶ ପୃଥିବୀର କୋଣ ଅନୁକୋଣରେ ଚର୍ଚ୍ଚାର ଶୀର୍ଷସ୍ଥାନରେ ପହଞ୍ଚାଇପାରିଛି - ଏ ସଂପର୍କିତ ନିଜ ଯୁକ୍ତି ରଖିଥିଲାବେଳେ ମୁଖ୍ୟ ଆକର୍ଷଣୀୟ ଅତିଥି ଭାବରେ ବିଶିଷ୍ଟ ଗାୟିକା ରଶ୍ମିରେଖାଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ପ୍ରଭୂତ ମୁଖରିତ କରିଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସର୍ବଶ୍ରୀ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏବଂ ଶିକ୍ଷାନୁଷ୍ଠାନର ଅଧକ୍ଷା ସରୋଜିନୀ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ସନ୍ତୋଷ କୁମାର ପଣ୍ଡା, ମୋନାଲିସା ପଣ୍ଡା, ଜି. ସାହିନ୍, ସସ୍ମିତା ଆଚାର୍ଯ୍ୟ, ପ୍ରଣିତା ଅଗସ୍ତି, ଏଚ୍.ଏଚ୍. ଶ୍ରୀରାମ, ସୁବଳ କୁମାର ଦାସ, ନାହିଦ୍ ସୁଲତାନା, ଅଜୟ ପ୍ରଧାନ, ଭାଗ୍ୟଲକ୍ଷ୍ମୀ ବେହେରା, ଆଫ୍ରିନ୍ କାର୍ଦ୍ରୀ, ପ୍ରିୟଙ୍କା ବେହେରା, ରୂପରେଖା ବାରିକ୍, ଅଭିମନ୍ୟୁ ପ୍ରଧାନ, ରଜତ୍ ଦାସ ଅଧିକାରୀ, ଜୟନ୍ତୀ ଦାଶ, ଅଭୟ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସ୍ଥିତ ବହୁସଂଖ୍ୟାର ପିଲାମାନଙ୍କର ପ୍ରତିଯୋଗିତା ନାଟିକାଦିକୁ ଭରପୁର ଉପଭୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପଚାଶରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା।

# ଅନଲାଇନ ନିରାପତ୍ତା ଓ ସାଇବର ଉତ୍ପୀଡନ ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା

ସୁବର୍ଣ୍ଣପୁର,୧୪/୧୧ (ନି.ପ୍ର): ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅଧିନରେ ସୁବର୍ଣ୍ଣପୁର ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଅନଲାଇନ ନିରାପତା ବା ସୁରକ୍ଷା ଓ ସାଇବର ବୁଲିଙ୍ଗ ବା ସାଇବର ଉତ୍ପୀଡନ ଉପରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବର୍ଣ୍ଣପୁର ଶ୍ରୀମତି ଅଞ୍ଜଳିନା ପ୍ରଧାନ, ଉପ ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁର ଶ୍ରୀମତି ରେଣୁକା ସୁନା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତି ଅନୁପମା ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ନିୟୋଜନ ଓ ଦକ୍ଷତା ବୃଦ୍ଧି ଅଧିକାରୀ, ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଜିଲ୍ଲାର ସମସ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଗୁଡିକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବୃନ୍ଦ, ମହିଳା ପରିଦର୍ଶିକା ବୃନ୍ଦ, ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଝିଅ ମାନେ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀ ବୃନ୍ଦ, କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ବା କର୍ମଶାଳାରେ ଉପ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ଶ୍ରୀମତି ରେଣୁକା ସୁନା ଓ ଆଶିଷ କୁମାର ଅଗ୍ରଓ୍ୱାଲ, କମ୍ପ୍ୟୁଟର ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ ବିଭାଗର ମୁଖ୍ୟ, ରାଜ ମହାବିଦ୍ୟାଳୟ, ସୋନପୁର ଅନଲାଇନ ନିରାପତା ବା ସୁରକ୍ଷା ଓ ସାଇବର ଉତ୍ପୀଡନ / ସାଇବର ଅପରାଧ ଉପରେ ବିଶଦ ଭାବରେ ଅବଗତ କରାଇଥିଲେ ଓ କିପରି ଏହି ସାଇବର ଉତ୍ପୀଡନ / ସାଇବର ଅପରାଧରୁ ରକ୍ଷା ପାଇପାରିବ ସେ ବିଷୟରେ ବିଶେଷକରି ଉପସ୍ଥିତ ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ। ଏହି କର୍ମଶାଳାକୁ ଶ୍ରୀମତି ବାସନ୍ତୀ ଭୋଇ, ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, ସୁବର୍ଣ୍ଣପୁର ପରିଚାଳନା କରିଥିଲେ।

# ୧୧ ଜୁଆଡ଼ିଙ୍କୁ ବାନ୍ଧିଲା ପୋଲିସ: ଜୁଆ ଆସରରୁ ଜବତ କଲା ୨ ଲକ୍ଷ ୭୫ ହଜାର ୬୮୦ ଟଙ୍କା

ସମ୍ବଲପୁର,୧୪/୧୧ (ନି.ପ୍ର): ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ହରଗୌରି ବିହାରରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୧୧ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହିତ ଜୁଆ ଆସରରୁ ୨ ଲକ୍ଷ ୭୫ ହଜାର ୬୮୦ ଟଙ୍କା ଜବତ କରିଛି । ଗିରଫ ଜୁଆଡ଼ି ମାନଙ୍କ ମଧ୍ୟରେ ଧନୁପାଲି ଥାନା ଅନ୍ତର୍ଗତ ପେନସନପଡ଼ାର ମୂଳ ବାସିନ୍ଦା ତଥି ଡିଆରପାର୍କ ଅଂଚଳରେ ରହୁଥିବା ସୟଦ ଜାହିର(୪୯), ମୋତିଝରଣର ମହମ୍ମଦ ରାୟିଶ୍(୪୯),ପେନସନପଡ଼ାର ଅନଓ୍ୱର ମନହୀର(୩୯), କୁମ୍ଭାରପଡ଼ାର ମହମ୍ମଦ ସାହରୁଖ(୨୬), କ୍ଷେତରାଜପୁର ଥାନା ଅନ୍ତର୍ଗତ ବଙ୍ଗାଲିପଡ଼ାର ରବିନ୍ଦ୍ର ମାଣ୍ଡେକର(୩୭), ଚେରୁଆପଡ଼ାର ବିଜୟ କୁମାର ଗୁପ୍ତା(୬୪) ବୁର୍ଲାଥାନା ଅନ୍ତର୍ଗତ ଏ.କଟାପାଲିର ମାଧବେନ୍ଦୁ ପାଲ(୩୪), ଓ୍ୱାନ-ଆର୍ କଲୋନୀର ବଂଟି ବେହେରା (୩୦), ମହତାବନଗରରେ ରହୁଥିବା ସୁବର୍ଣ୍ଣପୁର ଜିଲା, ବିରମହାରାଜପୁର ବାଘପାଲିର ମୂଳ ବାସିନ୍ଦା ରାଜୀବ ପାଣିଗ୍ରାହୀ(୩୭), ହୀରାକୁଦ ଥାନା ଅନ୍ତର୍ଗତ ହୀରାକୁଦ ସହରର ଗଣେଶ ବାହାଦୂର(୨୯), ଟାଉନଥାନା ଅନ୍ତର୍ଗତ ନୟାପଡ଼ା ନୂଆଗଳିର ପ୍ରଦୀପ ବାଗ(୩୨) ରହିଥିବା ଜଣାପଡିଛି । ଜୁଆଡି ମାନଙ୍କ ଠାରୁ ନଗଦରାଶି ସହିତ ୧୨ଟି ମୋବାଇଲ ଫୋନ, ୪ଟି ବାଇକ୍, ଗୋଟିଏ କାର, ଗୋଟିଏ ଚଟେଇ ଓ ୧୦୪ ସେଟ୍ ତାଲପାଲିକୁ ପୋଲିସ ଜବତ କରିଛି । ଅଇଁଠାପାଲି ଥାନାରେ ଏସମ୍ପର୍କରେ ୩୭୪/୨୫ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ଅନୁସାରେ ଗତ ବୁଧବାର ରାତିରେ ହତଗୌରୀ ନଗରରେ ଥିବା ଏକ ଅର୍ଦ୍ଧନିର୍ମିତ କୋଠାଘରେ ସବୁଦିନ ପରି ଏହି ଜୁଆ ଆସର ଚାଲିଥିବା ସମ୍ପର୍କରେ ଅଇଁଠାପାଲି ଥାନାକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଦଳ ସେଠାରେ ପହଂଚି ଅତର୍କିତ ଚଢ଼ାଉ କରିଥିଲା । ଠିକ୍ ବାଜିମାତ୍ ବେଳକୁ ପୋଲିସର ଏଭଳି ଅତର୍କିତ ଚଢ଼ାଉରେ ଜୁଆଡ଼ିମାନେ ଉତ୍ତେଜିତ ହୋଇ ଏହାର କୁପରିଣାମ ଭୋଗିବାକୁ ପୋଲିସକୁ କଡ଼ା ଚେତାବନୀ ଦେଇ ପୋଲିସକୁ ଠେଲାପେଲା କରି ସେଠାରୁ ଫେରାର ହେବାକୁ ଉଦ୍ୟମ କରିଥିଲେ । ମାତ୍ର ନଛୋଡବନ୍ଧା ପୋଲିସ ସମସ୍ତ ଜୁଆଡିଙ୍କୁ ଗୋଟାଏ ପରେ ଗୋଟାଏ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ନାବାଳିକାକୁ ଦୁଷ୍କର୍ମ, ଗଣଦୁଷ୍କର୍ମ ପରେ ଅପହରଣ ମାମଲା

## ଦୁଇ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ

ସମ୍ବଲପୁର,୧୪/୧୧ (ନି.ପ୍ର): ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଂଚଳରେ ଗତ ୨୦୧୪ ମସିହାରେ ସଂଘଟିତ ଜଣେ ନାବାଳିକା ସହ ହୋଇଥିବା ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି। ଏହି ମାମଲାରେ ସମୁଦାୟ ୨୫ ଜଣ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଅନୁଧ୍ୟାନ ପୂର୍ବକ ଗୁରୁବାର ଏହି ମାମଲାର ରାୟ ପ୍ରକାଶ କରି ବିଚାରପତି ଉଭୟ ଅଭିଯୁକ୍ତ ଅନୁଗୁଳ ଜିଲା ତାଳଚେର ଟାଉନଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମର ୩୯ ବର୍ଷିୟ ଲକ୍ଷ୍ମୀଧର ମହାପାତ୍ର ଓ ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଭୋଜପୁର ଗ୍ରାମର ୩୫ ବର୍ଷିୟ ଡମଣା ଓରଫ ରାଜେନ୍ଦ୍ର ମହାନନ୍ଦିଆକୁ ଦଫା ୩୭୬(ଡି)ରେ ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହ ଓ ୫୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଦଣ୍ଡାଦେଶ କରିଛନ୍ତି। ଜୋରିମାନା ଅର୍ଥ ଅନାଦେୟ କାମୁକ ଅଭିଯୁକ୍ତ ଦ୍ୱୟଙ୍କୁ ଅଧିକ ୧ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦଫା ୩୬୩ ଓ ୩୪ରେ ଉଭୟଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଲେଖାଏଁ ମଧ୍ୟ ଜୋରିମାନା କରିଛନ୍ତି ତଥା ଜରିମାନା ଅର୍ଥ ଅନାଦେୟ ଉଭୟ ଅଭିଯୁକ୍ତଙ୍କୁ ଅତିରିକ୍ତ ୬ ମାସ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ପୀଡ଼ିତଙ୍କୁ କ୍ଷତିପୂରଣ ସ୍ୱରୂପ ୧୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ସେନାପତି ନିର୍ଦ୍ଦେଶ ଦେଇଛନ୍ତି। ମଳିଥିବା ସୂଚନାନୁସାରେ କୁଚିଣ୍ଡା ଥାନା ଅନ୍ତର୍ଗତ ରେଙ୍ଗାଲବେଡ଼ା ଗ୍ରାମର ୧୪ ବର୍ଷିୟା ପୀଡ଼ିତା ନାବାଳିକା ଜଣଙ୍କ ଗତ ୨୦୧୪ ଅପ୍ରେଲ୍ ୨୦ ତାରିଖ ପୂର୍ବାହ୍ନରେ ଏକାକୀ ଚାଲିଚାଲି ଭୋଜପୁର ବସଷ୍ଟାଣ୍ଡକୁ ଆସୁଥିଲା। ଏହି ସମୟରେ ଏକ ବୋଲେରୋରେ ଆସୁଥିବା ଦୁଇ କାମୁକ ବାଟରେ ପୀଡ଼ିତାଙ୍କୁ ଅଟକାଇ ଗାଡ଼ିରେ ଆସ ଆମେ ଭୋଜପୁର ବସଷ୍ଟାଣ୍ଡରେ ଛାଡ଼ି ଦେବୁ କହି ବୋଲେରୋରେ ବସାଇ ନେଇ ଯାଇଥିଲେ। ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଭୋଜପୁର ବସଷ୍ଟାଣ୍ଡ ନେବା ବଦଳରେ ନିକଟରେ ଥିବା ଜଙ୍ଗଲ ଭିତରକୁ ନେଇ ବାରମ୍ବାର ଦୁଷ୍କର୍ମ ଓ ଗଣଦୁଷ୍କର୍ମ କରିଥିଲେ। ନାବାଳିକା ଜଣଙ୍କ କିଛି ବୁଝିବା ପୂର୍ବରୁ ଦୁଇବ କାମୁକ ବୋଲେରୋରେ ବସାଇ ନାବାଳିକା ଜଣଙ୍କୁ କଟକ ନେଇ ଯାଇଥିଲେ। ବାଟରେ ଗାଡ଼ି ଭିତରେ ଅଦଳ ବଦଳ, କଟକରେ ପହଂଚିବା ପରେ ସେଠାରେ ମଧ୍ୟ ଅଭିଯୁକ୍ତ ଦ୍ୱୟ ତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ଜଣଙ୍କ ପରେ ଜଣେ ଓ ଏକାଠି ଦୁଷ୍କର୍ମ ଓ ଗଣଦୁଷ୍କର୍ମ କରିଥିଲେ। ଅପରପକ୍ଷେ ପୀଡ଼ିତା ନାବାଳିକା ଜଣଙ୍କ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁତ ଖୋଜାଖୋଜି ପରେ ନିରାଶ ହେବାପରେ କୁଚିଣ୍ଡା ଥାନାରେ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଥିଲେ। ପରିବାର ଲୋକଙ୍କ ଏତଲା କ୍ରମେ କୁଚିଣ୍ଡା ଥାନାରେ ପୋଲିସ ଏକ ନିଖୋଜ ସମ୍ପର୍କିତ ମାମଲା ରୁଜୁ କରି ଜୋରଦାର ତନାଘନା ଆରମ୍ଭ କରିଥିଲା। ବାରମ୍ବାର ଦୁଷ୍କର୍ମ ଓ ଗଣଦୁଷ୍କର୍ମ କରିବା ପରେ ମଧ୍ୟ ମନ ନବୁଝିବାରୁ ବୋଲେରୋକୁ ଛାଡ଼ି ଦୂର ସ୍ଥାନକୁ ଯିବା ଲକ୍ଷ୍ୟରେ ପୀଡ଼ିତାଙ୍କୁ ଧରି କଟକ ରେଳ ଷ୍ଟେସନରେ ନିର୍ଦ୍ଦିଷ୍ଟ ଟ୍ରେନକୁ ଅପେକ୍ଷା କରିଥିଲେ। କଟକ ଜିଆରପିର ସନ୍ଦେହ ସ୍କାନରରେ ନାବାଳିକା ସହ ଦୁଇ ଅଭିଯୁକ୍ତ ଧରା ପଡ଼ିବାରୁ ପୋଲିସ ସେମାନଙ୍କୁ ଥାନାକୁ ନେଇ ଜେରା କରିଥିଲା । ପୀଡ଼ିତା ନାବାଳିକା ଠାରୁ ଜିଆରପି ସମସ୍ତ ତଥ୍ୟ ବୁଝିବା ପରେ ତାଙ୍କ ପରିବାର ଲୋକ ଓ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲା। ଖବର ପାଇ କୁଚିଣ୍ଡା ପୋଲିସ ସହିତ ପରିବାର ଲୋକ କଟକ ଯାଇ ପୀଡ଼ିତାକୁ ଉଦ୍ଧାର କରିବା ସହ ଦୁଇ କାମୁକ ଅଭିଯୁକ୍ତଙ୍କୁ ଗିରଫ କରି କୁଚିଣ୍ଡା ଆଣିଥିଲା। ପରିବାର ଲୋକଙ୍କ ଏତଲା ଓ ପୀଡ଼ିତାଙ୍କ ବୟାନ ଅନୁସାରେ କୁଚିଣ୍ଡା ଥାନାରେ କେସ୍ ନମ୍ବର ୮୫/୧୪ରେ ଦଫା ୩୬୩/୩୪, ୩୭୬(୨)(ଆଇ), ୩୭୬(ଡି) ଓ ୬ ପୋକ୍ସୋ ଆଇନ୍ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ୨୦୧୪ ଜୁନ ୨୦ ତାରିଖରେ ପୋଲିସର ଚାର୍ଜସିଟ୍ ଦାଖଲ ପରେ ପୋକ୍ସୋ ଅଦାଲତରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇ ଦୀର୍ଘ ୧୧ ବର୍ଷ ପରେ ଗୁରୁବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# ନଭେମ୍ବର ୧୬ରୁ ୩୦ ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ

ଭୁବନେଶ୍ୱର,୧୪/୧୧ (ନି.ପ୍ର): ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ସରକାରଙ୍କ ଦ୍ୱାରା ନିରନ୍ତର ପ୍ରୟାସ ଜାରି ରହିଛି । ନିକଟରେ ଶୂନ ଦୁର୍ଘଟଣା ଦିବସ ପାଳନ ପରେ ଏବେ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ନଭେମ୍ବର ୧୬ ରୁ ୩୦ ଯାଏଁ ସାରା ରାଜ୍ୟରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତି ଗ୍ରହଣ କରିଛି । ଏହି ସମୟରେ ଚାରିଟି 'ଇ' ଯଥା- ଏନଫୋର୍ସମେଂଟ, ଇଂଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ। ସଡ଼କ ଦୁର୍ଘଟଣା ଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଙ୍ଘକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ । ସାରା ରାଜ୍ୟରେ କଡ଼ାକଡ଼ି ଯାଞ୍ଚ କରାଯିବ । ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି । ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଅନ୍ୟ ବିଭାଗ ସହ ମିଳିତ ଭାବରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଏନଫୋର୍ସମେଂଟ କାର୍ଯ୍ୟକ୍ରମ ବ୍ୟାପକ କରାଯିବ। ବିଶେଷକରି, ଜନଗହଳି ସ୍ଥାନ, ଟ୍ରାଫିକ ପଏଂଟ, ଶିକ୍ଷାନୁଷ୍ଠାନ, ମଲ୍. ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ। ସଡ଼କରେ ବେପରୁଆ ଗାଡ଼ି ଚାଳନା କରି ନିଜ ସହ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିଭଳି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତା ଉପରେ ମଧ୍ୟ ବିଶେଷ ନଜର ରହିବ । କିଭଳି ସେଠାରେ ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ ସେଥିପାଇଁ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କୁ କୁହାଯାଇଛି । ରାସ୍ତା ଇଞ୍ଜିନିୟରିଂ ସଂସ୍ଥା ମାନେ ଏ ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ତ୍ରୁଟି ଗୁଡ଼ିକୁ ସଂଶୋଧନ କରିବା, ରାସ୍ତା ସାଇନେଜ୍ ଲଗାଇବା ଭଳି ବିଷୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ପ୍ରତି ଅବଗତ କରିବା ଏବଂ ସେମାନଙ୍କ ଜୀବନ ରକ୍ଷା ପାଇଁ ଏହାର ପାଳନ କିଭଳି ଅନିବାର୍ଯ୍ୟ ସେ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ଏଥିପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା ସହଭାଗିତାରେ ଉଦ୍ୟମ ହେବ । ଏତଦବ୍ୟତୀତ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପହଞ୍ଚାଇ ଜୀବନ ରକ୍ଷା ପାଇଁ ମଧ୍ୟ ଜନସାଧାରଣଙ୍କୁ ଉତ୍ସାହିତ କରାଯିବ। ପୂର୍ବ ବର୍ଷମାନଙ୍କରେ ଶୂନ ମୃତାହତ ସପ୍ତାହ ପାଳନ କରାଯାଇଛି। ସେ ସମୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା ।

# ରକ୍ଷା ପାଆନ୍ତୁ ଏମାନଙ୍କ ଦାଉରୁ



ସବୁବେଳେ ବନ୍ଦ ରଖନ୍ତୁ। ତଥାପି ଘରେ ଯଦି ମାଛି ହେଉଛନ୍ତି, ତେବେ ସୁଗନ୍ଧିତ ତୈଳରେ ଏକ କପଡ଼ା ବୁଡ଼ାଇ ଘର କବାଟରେ ଟଙ୍ଗାଇଲେ ଘରେ ମାଛି ପଶିବେ ନାହିଁ।

- ପିଆଜ ରସ ହେଉଛି ଓଡ଼ଶ ମାରିବାର ଏକଭଲ ଉପାୟ। ପିଆଜ ରସ ଗନ୍ଧରେ ସେମାନଙ୍କ ନିଃଶ୍ୱାସ





ପ୍ରଶ୍ୱାସ ବନ୍ଦ ହୋଇଯାଏ ଏବଂ ସେମାନେ ବହୁତ ଜଲଦି ମରିଯାଆନ୍ତି।

- କାରପଟେ ତଳେ ଲିମ୍ବ ପତ୍ରରଖନ୍ତୁ। କାରଣ ଏପରି କରିବା ଦ୍ୱାରା କୀଟପତଙ୍ଗ ଘରକୁଆସିବେ ନାହିଁ।

- ଅସରପା ଦୂର କରିବା ପାଇଁ କୌଣସି ବିଷାକ୍ତରସାୟନ ବ୍ୟବହାର କରିବା ପରିବର୍ତ୍ତେ ଆପଣ ଘରକୁ ନିୟମିତ ବ୍ୟବଧାନରେ ସଫା କରିବା ଉଚିତ।

- ଅଣ୍ଡାର ଖୋଳପାକୁ କିଛି ଉଚ୍ଚରେ ରଖିବା ଦ୍ୱାରା ଅଣ୍ଡା ଗନ୍ଧରେ ଝିଟିପିଟି ଦୂରକୁ ପଳାନ୍ତି

- ମାଛିରୁ ରକ୍ଷା ପାଇବା ପାଇଁ ଚାହୁଁଥିଲେ ଘରର କବାଟକୁ

# ସ୍ଲିମ୍ ରଖିବ ଉତ୍ଥାନପାଦାସନ



ପ୍ରତ୍ୟେକ ମହିଳା ସୁସ୍ଥ ଓ ପତଳା (ସ୍ଲିମ୍) ରହିବାକୁ ଚାହାଁନ୍ତି। ଏଣୁ ବିଭିନ୍ନ ଉପାୟ ଆପଣାନ୍ତି। ଉ ାନପାଦାସନ ଏପରି ଏକ ରୋଗ ଯାହାକୁ ଆପଣାଇ ମହିଳାମାନେ ସୁସ୍ଥ ଓ ସ୍ଲିମ୍ ହୋଇପାରିବେ। ଯୋଗ ଶିକ୍ଷୟିତ୍ରୀ ସ୍ମିତା ଦାସଙ୍କ ଠାରୁ ଏହାର ପ୍ରଣାଳୀ ଓ ଉପାଦେୟତା ସମ୍ପର୍କରେ ଆସନ୍ତୁ ସବିଶେଷ ଜାଣିବା....

**ଉପକାର:** ଉତ୍ଥାନପାଦାସନ କରିବା ଦ୍ୱାରା ଶରୀରର ନିମ୍ନ ଭାଗରେ ଲାଭ ହୋଇଥାଏ।

- ଅମ୍ଳ, ବଦହଜମି ଓ କୋଷ୍ଠକାଠିନ୍ୟ ଦୂର ହୁଏ।
- ପେଟର ମାଂସପେଶୀ ଶକ୍ତହୁଏ।
- ପିଠି, ନିତମ୍ବ ଓ ଂଘର ମାଂସପେଶୀ ଶକ୍ତହୁଏ।
- ଅଂଟା ଯନ୍ତ୍ରଣା ଦୂରହୁଏ
- ଓଜନ ହ୍ରାସ ହୁଏ।
- ପେଟରୁ ଚର୍ବି କମିଯାଏ।

ମଧୁମେହ ରୋଗ ଦୂରହୁଏ।

-ଜନେନ୍ଦ୍ରୀୟର କାର୍ଯ୍ୟ ଦକ୍ଷତା ବୃଦ୍ଧି ହୁଏ।

**ଆସନ ପ୍ରଣାଳୀ:**

-ପ୍ରଥମେ ପିଠିକୁ ତଳେ ଲଗାଇ ଶୋଇଯାଆନ୍ତୁ। ଦୁଇଗୋଡ଼କୁ ଯୋଡ଼ି ଦିଅନ୍ତୁ।

- ହାତକୁ ଦୁଇପଟରେ ଲଗାନ୍ତୁ। ପାପୁଲିଭୂମିରେ ଲାଗିବ।

-ଧୀରେ ଧୀରେ ପାଶ୍ୱାସ ନେବା ସହିତ ଗୋଡ଼କୁ ଉପରକୁ ଉଠାନ୍ତୁ।

- ଏହି ଅବସ୍ଥାରେ (୧୫-୨୦ସେକେଣ୍ଡ) ରହନ୍ତୁ।

- ନିଶ୍ୱାସ ଛାଡ଼ିବା ସହିତ ଗୋଡ଼କୁ ତଳକୁ ଆଣନ୍ତୁ। ଏହିପରି ପ୍ରତିଦିନ ଦିନକୁ ୪-୫ଥର କରନ୍ତୁ।

**ବିଶେଷ ଦ୍ରଷ୍ଟବ୍ୟ:**

- ଗର୍ଭବତୀ ମହିଳା ଏହି ଆସନ କରିବେ ନାହିଁ।
- ପେଟରେ ଅସ୍ତ୍ରୋପଚାର କିମ୍ବା ଅଲସର ହୋଇଥିଲେ କରିବେ ନାହିଁ।
- ଋତୁସ୍ରାବ ସମୟରେ ଏହି ଆସନ କରିବେ ନାହିଁ।
- ଯୋଗ ଟ୍ରେନରଙ୍କ ତତ୍ତ୍ୱାବଧାନରେ ଏହି ଆସନ ଆରମ୍ଭ କରିବା ଦରକାର।

# କୁମ୍ଭୀରଙ୍କ ସହ ମହିଳାଙ୍କ ବନ୍ଧୁତା



ଖୁବ କମ ଲୋକେ ଭିନ୍ନ ଭିନ୍ନ ପ୍ରତିଭା ସହ ଜନ୍ମ ନେଇଥାନ୍ତି। ବିଷଧର ତଥା ଭୟଙ୍କର ସରୀସୃପଙ୍କ ସହ ଜୀବନ ଅତିବାହିତ କରିବା ପ୍ରକୃତରେଏକ ପ୍ରକାର ପ୍ରତିଭା ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲୀୟ ମହିଳା ଜିନି ସୋଇ ଗତ ୧୧ବର୍ଷ ହେଲା ଏକ କୁମ୍ଭୀର ସହ ରହିଆସୁଛନ୍ତି। ନିଜ ସନ୍ତାନ ପରି କୁମ୍ଭୀରଟିକୁ ସେ ପାଳିଥିବାର ଏକ ସାକ୍ଷାତକାରରେ କହିଥଲେ। କୁମ୍ଭୀରର ନାମ ସେ 'କ୍ରୋକୋ' ରଖିଛନ୍ତି। କୁମ୍ଭୀରଟି ତାଙ୍କ ଘରେ ଅବାଧରେ ପ୍ରତ୍ୟେକ ସ୍ଥାନରେ ବିଚରଣ କରିଥାଏ। ୧୧ବର୍ଷ ମଧ୍ୟରେ କ୍ରେକୋ ତାଙ୍କୁ ଥରଟିଏ ହେଲେ ଆକ୍ରମଣ କରିନାହିଁ। ନିୟମିତ ଖାଦ୍ୟ ଭାବେ ସେ ୨ଲିଟର କ୍ଷୀର, ସିଝାଅଣ୍ଡା ଓ ୪କିଲୋମାଂସ ଓ ପନିପରିବା ମଧ୍ୟ ଖାଏ।

# ସୌନ୍ଦର୍ଯ୍ୟ ପାଇଁ ପିଆଜ



- ତ୍ୱଚାକୁ ମୁଲାୟମ କରିବା ପାଇଁ ପ୍ରତିଦିନ ପିଆଜରସ ଲଗାନ୍ତୁ।

- ପିଆଜରସରେ କେଓଲିନ ପାଉଡ଼ର, ମହୁ ଓ ମୁଲତାନୀ ମାଟି ମିଶାଇ ମହଁରେ ଲଗାଇଲେ ମୁହଁ ସତେଜ ଦିଶିଥାଏ।

- ମଲାଇରେ ପିଆଜରସ ମିଶାଇ ଲଗାଇଲେ କୁଂଚିତ ରେଖା ଦୂର ହୋଇଥାଏ।

- ନଡ଼ିଆରସ ସହ ପିଆଜରସ ମିଶାଇ ମୁହଁରେ ଲଗାଇଲେ ତ୍ୱଚା ନରମ ହେବା ସସହ ତ୍ୱଚାରେ ଥିବା ସବୁ ଦାଗ ଦୂର ହୋଇଯାଏ।

- ବ୍ରଣରେ ପିଆଜରସ ଲଗାଇଲେ ଏହା ସହଜରେ ଦୂର ହୋଇଥାଏ।



# ଦୈନିକ ସକାଳ ଜଳଖିଆରେ ସାମିଲ୍ କରନ୍ତୁ ଯେକୌଣସି ଫଳ: ଏଥିରେ ଅଛି ଏହିସବୁ ଭଲ ଗୁଣ

ଏପରି ଅନେକ ଫଳ ଅଛି, ଯାହାକୁ ଖାଇବା ଦ୍ୱାରା ମୋଟାପଣ ଦୂରେଇ ଯାଇଥାଏ। ଅର୍ଥାତ ଫ୍ୟାଟ୍ ଫ୍ରି ଫ୍ରୁଟ୍ସ। କୋଲେଷ୍ଟ୍ରଲ୍ ବି କମ୍ ରହିଥାଏ। ଡାକ୍ତରମାନେ ପରାମର୍ଶ ଦିଅନ୍ତି କି ଦୈନିକ କିଛି କିଛି ଫଳ ଖାଇବା ଦ୍ୱାରା ହୃଦ୍‌ରୋଗ ଏବଂ ଷ୍ଟ୍ରୋକ୍ ଆଶଙ୍କା କମ୍ ହୋଇଥାଏ। ମାତ୍ର ଏହି ଆଶଙ୍କା ଦୂର କରିବାକୁ ଆପଣଙ୍କୁ ପଟାସିୟମ୍‌ଯୁକ୍ତ ଫଳ ଖାଇବାକୁ ହେବ। ଯେଉଁ ଫଳଗୁଡ଼ିକରେ ପଟାସିୟମ୍ ରହିଛି ତାହାକୁ ଖାଇଲେ କିଡ୍‌ନି ଷ୍ଟୋନ୍ ସମସ୍ୟା ବି କମ୍ ହୋଇଥାଏ।

ଆପଣ ନିଜର ଦୈନିକ ଡାଇଟ୍‌ରେ କିଛି ବି ଫଳ ସାମିଲ୍ କରନ୍ତୁ। ପାରୁଛନ୍ତି ଯଦି ଫଳ ପରିବର୍ତ୍ତନ କରନ୍ତୁ। ମାତ୍ର ସକାଳ ଖାଇବାରେ ଫଳ ସାମିଲ୍ କରିବାକୁ ଭୁଲନ୍ତୁ ନାହିଁ। ସକାଳ ଖାଇବାରେ କଦଳୀ ସାମିଲ କଲେ ଖୁବ୍ ଭଲ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଯାହାକି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ସେଓ ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ମାତ୍ର ମନେ ରଖନ୍ତୁ ସେଓ କେବେ ବି ଖାଲି ପେଟରେ ଖାଇବେ ନାହିଁ। କିଛି ଗୋଟେ ଖାଇ ସାରି ପେଟ ପୂରା କରି ସାରିବା ପରେ ଯାଇ ସେଓ ଖାଇଲେ ଭଲ। ଦୈନିକ ଗୋଟିଏ ସେଓ ଖାଇଲେ ଅନେକ ରୋଗ ଦୂରେଇ ଦେଇ ହେବ।

ନଡ଼ିଆ ବି ଖୁବ୍ ଉପକାରୀ ଫଳ। ଏହାକୁ ଦୈନିକ ନଖାଇ ପାରିଲେ ବି ଅନ୍ତତଃ ସପ୍ତାହକୁ ଥରେ ନିଶ୍ଚୟ ଖାଆନ୍ତୁ। ଏହି ଶ୍ରୀଫଳକୁ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଫାଇଦା ହୋଇଥାଏ। କମଳାରେ ଅଛି ଭିଟାମିନ୍ ସି, ଯାହାକି ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ସେଥିପାଇଁ ଦୈନିକ ଗୋଟାଏ କମଳା ଖାଇବା ବି ଖୁବ୍ ଭଲ।



# ଡାଏଲିସିସ୍ କ'ଣ, କାହିଁକି କିଡନୀ ରୋଗୀଙ୍କ ପାଇଁ ଜରୁରୀ ଜାଣନ୍ତୁ

**କିଡନୀ ମାନବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କିନ୍ତୁ ଆମର ଖରାପ ଖାଦ୍ୟ ଅଭ୍ୟାସ ଓ ଜୀବନଶୈଳୀ କିଡନୀ ସମସ୍ୟା ସୃଷ୍ଟି କରୁଛି। ଏବେ ଅଧିକାଂଶ ଲୋକ କିଡନୀ ରୋଗର ମଧ ଶିକାର ହେଉଛନ୍ତି। ଯଦି ରୋଗ ଗମ୍ଭୀର ହୋଇନଥାଏ ତେବେ ଡାଏଲିସିସ୍ ମାଧମରେ ଜଣେ ବ୍ୟକ୍ତି ସୁସ୍ଥ ହୋଇପାରନ୍ତି। ତେବେ ଡାଏଲିସିସ୍ କ'ଣ ଏବଂ କେଉଁ ସମୟରେ ଏହି ଚିକିତ୍ସା କରାଯାଏ, ଜାଣନ୍ତୁ...**

*ଡାଏଲିସିସ୍ କ'ଣ ?:* ଡାୟଲିସିସ୍ କିଡନୀ ରୋଗ ଚିକିତ୍ସାର ମୁଖ୍ୟ ଉପାୟ। ଏହି ରୋଗ ମାଧମରେ ରୋଗୀଙ୍କ ରକ୍ତ ସଫା କରାଯାଏ। କାରଣ କିଡନୀ ଫେଲ୍ ପରେ ଜଣେ ବ୍ୟକ୍ତିର ରକ୍ତ ଶୁଦ୍ଧ ହୋଇପାରେ ନାହିଁ। ଡାଏଲିସିସ୍ ମାଧମରେ ରକ୍ତ ଶୁଦ୍ଧ କରିବାକୁ ପ୍ରୟାସ କରାଯାଏ। ଏହି ସମଗ୍ର ପ୍ରକ୍ରିୟା ସମୟରେ, ରକ୍ତରେ ଜମା ହୋଇଥିବା ମଇଳା ଏବଂ ବିଷାକ୍ତ ପଦାର୍ଥ ନିଷ୍କାସନ କରାଯାଏ। ଡାଏଲିସିସ୍ ସମୟରେ ରୋଗୀର ଶରୀରରେ ଇଲେକ୍ଟ୍ରୋଲାଇଟ୍ ସ୍ତର ବଜାୟ ରଖିବା ଉପରେ ଅଧିକ ଧ୍ୟାନ ଦିଆଯାଏ।

*ଡାଏଲିସିସ୍ କେବେ ଆବଶ୍ୟକ ?*

ଯେତେବେଳେ ଉଭୟ କିଡନୀ ସଠିକ୍ ଭାବରେ କାମ କରିବା ବନ୍ଦ କରିଦିଏ, ସେତେବେଳେ ଜଣେ ବ୍ୟକ୍ତିଙ୍କର ଡାଏଲିସିସ୍ ଆବଶ୍ୟକ ହୁଏ। ଅର୍ଥାତ୍ ଦୁଇଟି ଯାକ କିଡନୀ ଫେଲ୍ ହୋଇଯିବା ପରେ ଡାଏଲିସିସ୍ ଚିକିତ୍ସା କରନ୍ତି ଡାକ୍ତର। ବିଶେଷକରି ମଧୁମେହ କିମ୍ବା ବ୍ଲଡ୍ ପ୍ରେସର୍ ରୋଗୀଙ୍କ ପାଇଁ କିଡନୀ ଫେଲ୍ ହେବାର ଆଶଙ୍କା ରହିଥାଏ।



*ଶରୀରରେ କିଡନୀର କାମ:* ଆମ ଶରୀରରେ ଦୁଇଟି କିଡନୀ ବା ବୃକକ୍ ଥାଏ। କିଡନୀ ଶରୀରରୁ ବର୍ଯ୍ୟ ପଦାର୍ଥକୁ ନିଷ୍କାସନ କରି ସୁସ୍ଥ ରଖିବାର କାର୍ଯ୍ୟ କରେ। ଯେତେବେଳେ କିଡନୀ ଠିକରେ କାର୍ଯ୍ୟ କରେନାହିଁ ସେତେବେଳେ ଷ୍ଟୋନ୍ ସମସ୍ୟା ଦେଖାଯାଏ। ଡାଏଲିସିସ୍ ମାଧମରେ ରୋଗୀଙ୍କୁ ସୁସ୍ଥ ରଖିବାକୁ ଚେଷ୍ଟା କରାଯାଏ। ଯଦି ସମସ୍ୟା ଗମ୍ଭୀର ଥାଏ, ତେବେ ବେଳେବେଳେ କିଡନୀ ପ୍ରତ୍ୟାରୋପଣ କରାଯାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତର ଖାଉଟି ମୂଲ୍ୟ ସୂଚକାଙ୍କ: ଏକ ଜରୁରୀକାଳୀନ ପୁନଃସମୀକ୍ଷାର ଆବଶ୍ୟକତା

ଭାରତୀୟ ଅର୍ଥନୀତିର ସ୍ଥିତିକୁ ମାପିବା ପାଇଁ ଅନେକ ମାପଦଣ୍ଡ ରହିଛି, କିନ୍ତୁ ସେଗୁଡ଼ିକ ମଧ୍ୟରେ ଖାଉଟି ମୂଲ୍ୟ ସୂଚକାଙ୍କ (**Consumer Price Index - CPI**) ଅନ୍ୟତମ । ଏହା ଦେଶର ଖୁଚୁରା ମୁଦ୍ରାସ୍ଫୀତିକୁ ମାପିଥାଏ, ଯାହା ସାଧାରଣ ନାଗରିକଙ୍କ ଦୈନନ୍ଦିନ ଜୀବନ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ତେବେ, ଯଦି ଏହି ମାପଦଣ୍ଡ ହିଁ ତ୍ରୁଟିପୂର୍ଣ୍ଣ ଏବଂ ପୁରୁଣା ହୋଇଯାଏ, ତେବେ ଅର୍ଥନୀତିର ପ୍ରକୃତ ଚିତ୍ର ସାମ୍ନାକୁ ଆସିବା କଷ୍ଟକର ହୋଇପଡ଼େ । ବର୍ତ୍ତମାନ ଭାରତର ସିପିଆଇ ସେହିଭଳି ଏକ ସମସ୍ୟା ଦେଇ ଗତି କରୁଛି । ଗତ ୨୦୨୪ ମସିହାରେ ପରିବାର ଉପଭୋଗ ଖର୍ଚ୍ଚ ସର୍ବେକ୍ଷଣ (**Household Consumption Expenditure Survey - HCES**) ୨୦୨୨-୨୩ର ତଥ୍ୟ ପ୍ରକାଶ ପାଇବା ପରେ, ଏହି ସତ୍ୟତା ପୁଣି ଥରେ ପଦାରେ ପଡ଼ିଛି ଏବଂ ସିପିଆଇର ତୁରନ୍ତ ପୁନଃସମୀକ୍ଷା ପାଇଁ ଏକ ଜରୁରୀକାଳୀନ ଆହ୍ୱାନ ସୃଷ୍ଟି କରିଛି ।

ସିପିଆଇ ହେଉଛି ଏକ ସୂଚକାଙ୍କ ଯାହା ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘରୋଇ ଉପଭୋକ୍ତାଙ୍କ ଦ୍ୱାରା କ୍ରୟ କରାଯାଉଥିବା ସାମଗ୍ରୀ ଏବଂ ସେବାର ମୂଲ୍ୟରେ ହାରାହାରି ପରିବର୍ତ୍ତନକୁ ମାପିଥାଏ । ଭାରତୀୟ ରିଜର୍ଭ ବ୍ୟାଙ୍କ (**RBI**) ଏହାର ମୁଦ୍ରାନୀତି ନିର୍ଦ୍ଧାରଣ କରିବା ପାଇଁ ଏହି ସୂଚକାଙ୍କ ଉପରେ ମୁଖ୍ୟତଃ ନିର୍ଭର କରେ। କିନ୍ତୁ ଚିନ୍ତାର ବିଷୟ ହେଉଛି, ବର୍ତ୍ତମାନ ବ୍ୟବହୃତ ହେଉଥିବା ସିପିଆଇର ଆଧାର ବର୍ଷ ହେଉଛି ୨୦୧୨ । ୨୦୨୫ରେ ପହଞ୍ଚିବା ବେଳକୁ, ଏହି ଆଧାର ବର୍ଷ ଏକ ଦଶନ୍ଧିରୁ ଅଧିକ ପୁରୁଣା ହୋଇସାରିଲାଣି। ଏହି ସମୟ ମଧ୍ୟରେ ଭାରତୀୟ ସମାଜ ଏବଂ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଘଟିଛି । ଲୋକଙ୍କ ଆୟ ବଢ଼ିଛି, ସେମାନଙ୍କର ଜୀବନଶୈଳୀ ବଦଳିଛି ଏବଂ ଖର୍ଚ୍ଚ କରିବାର ଢାଞ୍ଚାରେ ମଧ୍ୟ ଆମୂଳଚୂଳ ପରିବର୍ତ୍ତନ ଆସିଛି । ତେଣୁ, ୨୦୧୨ ମସିହାର ଉପଭୋଗ ଢାଞ୍ଚାକୁ ଆଧାର କରି ବର୍ତ୍ତମାନର ମୁଦ୍ରାସ୍ଫୀତିକୁ ମାପିବା କେବଳ ଭୁଲ ନୁହେଁ, ବରଂ ଏହା ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଗମ୍ଭୀର ବିଭ୍ରାନ୍ତି ସୃଷ୍ଟି କରୁଛି ।

ନୂତନ **HCES** ୨୦୨୨-୨୩ର ତଥ୍ୟ ଏହି ପରିବର୍ତ୍ତନକୁ ସ୍ପଷ୍ଟ ଭାବରେ ଦର୍ଶାଉଛି । ଏହି ସର୍ଭେ ଅନୁଯାୟୀ, ଖାଦ୍ୟ ସାମଗ୍ରୀ ଉପରେ ହେଉଥିବା ଖର୍ଚ୍ଚର ଅନୁପାତ ଯଥେଷ୍ଟ କମିଛି । ୨୦୧୧-୧୨ରେ ଗ୍ରାମାଞ୍ଚଳର ପରିବାରମାନେ ସେମାନଙ୍କ ମୋଟ ଖର୍ଚ୍ଚର ୫୨.୯% ଖାଦ୍ୟ ପାଇଁ ବ୍ୟୟ କରୁଥିବାବେଳେ, ୨୦୨୨-୨୩ରେ ଏହା ୪୬%କୁ ହ୍ରାସ ପାଇଛି । ସେହିପରି ସହରାଞ୍ଚଳରେ ଏହି ଅନୁପାତ ୪୨.୬%ରୁ ୩୯%କୁ ଖସି ଆସିଛି। ଏହାର ଅର୍ଥ ହେଉଛି, ଲୋକମାନେ ଏବେ ଖାଦ୍ୟ ଅପେକ୍ଷା ଅଣ-ଖାଦ୍ୟ ସାମଗ୍ରୀ ଯଥା ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିବହନ, ମନୋରଞ୍ଜନ ଏବଂ ଅନ୍ୟାନ୍ୟ ସେବା କ୍ଷେତ୍ରରେ ଅଧିକ ଖର୍ଚ୍ଚ କରୁଛନ୍ତି। କିନ୍ତୁ ବର୍ତ୍ତମାନର ସିପିଆଇ ବାସ୍କେଟରେ ଖାଦ୍ୟ ଏବଂ ପାନୀୟକୁ ପ୍ରାୟ ୪୬% ଗୁରୁତ୍ୱ ଦିଆଯାଇଛି । ଏହି କାରଣରୁ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ସାମାନ୍ୟ ପରିବର୍ତ୍ତନ ମଧ୍ୟ ସାମଗ୍ରିକ ମୁଦ୍ରାସ୍ଫୀତି ଉପରେ ଅହେତୁକ ପ୍ରଭାବ ପକାଉଛି, ଯାହା ପ୍ରକୃତ ସ୍ଥିତିକୁ ପ୍ରତିଫଳିତ କରୁନାହିଁ।

ଏହାର ପରିଣାମ ସ୍ୱରୂପ, ଅନେକ ସମୟରେ ସରକାରୀ ଆକଳନ ଏବଂ ଜନସାଧାରଣଙ୍କ ଅନୁଭୂତି ମଧ୍ୟରେ ଏକ ବଡ଼ ଧରଣର ତଫାତ୍ ଦେଖିବାକୁ ମିଳୁଛି। ଉଦାହରଣ ସ୍ୱରୂପ, ଗତ ଅକ୍ଟୋବର ମାସର ଖୁଚୁରା ମୁଦ୍ରାସ୍ଫୀତି ତଥ୍ୟ ଦର୍ଶାଇଥିଲା ଯେ ମୁଦ୍ରାସ୍ଫୀତି ହାର ବହୁତ କମ୍ ରହିଛି, ଯାହାକି ୨୦୧୨ ପରଠାରୁ ସର୍ବନିମ୍ନ ସ୍ତରରେ ଥିଲା । ଏହା ଶୁଣିବାକୁ ଖୁସି ଲାଗୁଥିଲେ ମଧ୍ୟ, ଏହାର କାରଣ ଥିଲା ପୂର୍ବ ବର୍ଷର ଉଚ୍ଚ ଆଧାର (**high base effect**) ଏବଂ ଖାଦ୍ୟ ମୁଦ୍ରାସ୍ଫୀତିରେ ଏକ ପରିସଂଖ୍ୟାନଗତ ଅସ୍ୱାଭାବିକତା । ବାସ୍ତବରେ, ସେହି ସମୟରେ ଅନ୍ୟ ସମସ୍ତ ପ୍ରମୁଖ ଉପ-ଗୋଷ୍ଠୀରେ ମୁଦ୍ରାସ୍ଫୀତି ଅଧିକ ଥିଲା । ଏଭଳି ତ୍ରୁଟିପୂର୍ଣ୍ଣ ତଥ୍ୟ ଉପରେ ଆଧାର କରି ଯଦି ଆରବିଆଇ ସୁଧ ହାର ସମ୍ବନ୍ଧୀୟ ନିଷ୍ପତ୍ତି ନିଏ, ତେବେ ଏହା ଅର୍ଥନୀତି ପାଇଁ ବିପଜ୍ଜନକ ହୋଇପାରେ। ଏକ ପୁରୁଣା ସୂଚକାଙ୍କ ନୀତି ନିର୍ଦ୍ଧାରକମାନଙ୍କୁ ଅର୍ଥବ୍ୟବସ୍ଥାର ପ୍ରକୃତ ସ୍ଥିତି ବିଷୟରେ ଭୁଲ ତଥ୍ୟ ଦେଇଥାଏ, ଯାହାଫଳରେ ସେମାନଙ୍କ ନିଷ୍ପତ୍ତି ମଧ୍ୟ ତ୍ରୁଟିପୂର୍ଣ୍ଣ ହେବାର ଆଶଙ୍କା ରହିଥାଏ । ଏହା କେବଳ ମୁଦ୍ରାନୀତିକୁ ପ୍ରଭାବିତ କରେ ନାହିଁ, ବରଂ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା (**Dearness Allowance**) ନିର୍ଦ୍ଧାରଣ, ଶ୍ରମିକଙ୍କ ମଜୁରୀ ଏବଂ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଥାଏ। ଯଦି ମୁଦ୍ରାସ୍ଫୀତିର ମାପ ସଠିକ୍ ନ ହୁଏ, ତେବେ ଏହି ସବୁ ବର୍ଗର ଲୋକମାନେ ସେମାନଙ୍କର ପ୍ରକୃତ କ୍ରୟ ଶକ୍ତି ହରାଇବାର ସମ୍ଭାବନା ରହିଛି । ତେଣୁ, ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ଖାଉଟି ମୂଲ୍ୟ ସୂଚକାଙ୍କର ଆଧାର ବର୍ଷକୁ ପରିବର୍ତ୍ତନ କରିବା ଅପରିହାର୍ଯ୍ୟ । ସରକାର ଏହି ଦିଗରେ କାର୍ଯ୍ୟ କରୁଛନ୍ତି ଏବଂ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (**MoSPI**) ପକ୍ଷରୁ ଗତ ବର୍ଷ ସୂଚନା ଦିଆଯାଇଥିଲା ଯେ ସିପିଆଇର ନୂତନ ସିରିଜ୍ ଖୁବ୍ ଶୀଘ୍ର ପ୍ରସ୍ତୁତ ହୋଇଯିବ। ପ୍ରସ୍ତାବିତ ନୂଆ ଆଧାର ବର୍ଷ ୨୦୨୪ ହେବ ବୋଲି ଆଶା କରାଯାଉଛି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଏହି ପ୍ରକ୍ରିୟାକୁ ଯଥାସମ୍ଭବ ଶୀଘ୍ର ସମ୍ପୂର୍ଣ୍ଣ କରାଯିବା ଉଚିତ୍ ।

ନୂତନ ସିପିଆଇରେ କେବଳ ଆଧାର ବର୍ଷ ବଦଳିଲେ ହେବ ନାହିଁ, ବରଂ ଉପଭୋଗ ବାସ୍କେଟରେ ଥିବା ସାମଗ୍ରୀ ଏବଂ ସେମାନଙ୍କର ଗୁରୁତ୍ୱ (**weights**)କୁ ମଧ୍ୟ **HCES** ୨୦୨୨-୨୩ ତଥ୍ୟ ଅନୁସାରେ ପୁନଃନିର୍ଦ୍ଧାରଣ କରାଯିବା ଆବଶ୍ୟକ । ଆଜିର ଡିଜିଟାଲ୍ ଯୁଗରେ ଇ-କମର୍ସ, ଅନଲାଇନ୍ ସେବା ଏବଂ ଡିଜିଟାଲ୍ ପେମେଣ୍ଟ ଭଳି ନୂତନ ଖର୍ଚ୍ଚର ଧାରାକୁ ମଧ୍ୟ ଏଥିରେ ସାମିଲ କରାଯିବା ଉଚିତ୍ । ଏହାଦ୍ୱାରା ହିଁ ସିପିଆଇ ଭାରତୀୟ ପରିବାରଗୁଡ଼ିକର ବାସ୍ତବ ଖର୍ଚ୍ଚ ଢାଞ୍ଚାକୁ ପ୍ରତିଫଳିତ କରିପାରିବ ଏବଂ ଏକ ବିଶ୍ୱସନୀୟ ଆର୍ଥିକ ମାପଦଣ୍ଡ ଭାବରେ କାର୍ଯ୍ୟ କରିବ ।

ଶେଷରେ, ଏକ ସୁଦୃଢ଼ ଏବଂ ସ୍ଥିର ଅର୍ଥନୀତି ପାଇଁ ସଠିକ୍ ଏବଂ ସମୟୋପଯୋଗୀ ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏକ ପୁରୁଣା ଏବଂ ଅପ୍ରାସଙ୍ଗିକ ଖାଉଟି ମୂଲ୍ୟ ସୂଚକାଙ୍କ ଅର୍ଥନୀତି ପାଇଁ ଏକ ଦିଗହରା ନାବିକ ସଦୃଶ, ଯାହା ନୀତି ନିର୍ଦ୍ଧାରକମାନଙ୍କୁ ଭୁଲ ଦିଗରେ ପରିଚାଳିତ କରିପାରେ । ତେଣୁ, ଭାରତର ଅର୍ଥନୈତିକ ନୀତିକୁ ସଠିକ୍ ଦିଶା ଦେବା, ମୁଦ୍ରାସ୍ଫୀତିକୁ ପ୍ରଭାବଶାଳୀ ଢଙ୍ଗରେ ନିୟନ୍ତ୍ରଣ କରିବା ଏବଂ ନାଗରିକଙ୍କ ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ସିପିଆଇର ତୁରନ୍ତ ପୁନଃସମୀକ୍ଷା କେବଳ ଏକ ବିକଳ୍ପ ନୁହେଁ, ବରଂ ଏକ ଜରୁରୀକାଳୀନ ଆବଶ୍ୟକତା ।



# ବାଳବିକାଶ ଗୁରୁ ରାଷ୍ଟ୍ରର ସଂପତ୍ତି

## ଶ୍ରୀମତୀ ବିଜୟଲକ୍ଷ୍ମୀ ଶତପଥୀ

ଯୁଗେ ଯୁଗେ ଅବତାର ତାଙ୍କ ଅବତରଣର ଉଦ୍ଦେଶ୍ୟ ସାଧିତ କରିବାକୁ ଆସିଥାଆନ୍ତି ଏବଂ ଅନେକ କୃପା ସିକ୍ତ ବ୍ୟକ୍ତି ତାଙ୍କ ଦିବ୍ୟ ମିଶନର ଆୟୁଧ ସାଜି ଥାଆନ୍ତି । କଳିଯୁଗ ଅବତାର ଶ୍ରୀ ସତ୍ୟସାଇ ବାବାଙ୍କ ଧର୍ମ ସଂସ୍ଥାପନ, ବେଦ ଉଦ୍ଧାରଣ, ବିଦ୍ୱତ୍ ପୋଷଣ, ଭକ୍ତ ସଂରକ୍ଷଣ ଏହି ପ୍ରମୁଖ ଅବତାରୀୟ ଉଦ୍ଦେଶ୍ୟ ମଧ୍ୟରେ ଧର୍ମ ସଂସ୍ଥାପନର ଦିବ୍ୟ ମିଶନରେ ମୁଖ୍ୟ ଭୂମିକା ରହିଛି ଶ୍ରୀ ସତ୍ୟସାଇ ବାଳବିକାଶର। ଶିଶୁକୁ ମୂଲ୍ୟବୋଧ ମନ୍ତ୍ରରେ ଅଭିମନ୍ତ୍ରିତ କରି ରାଷ୍ଟ୍ରକୁ ଉତ୍ତମ ବ୍ୟକ୍ତିତ୍ୱର ସନ୍ତାନ ଉପହାର ଦେଉଛନ୍ତି ବାଳବିକାଶ ଗୁରୁ। ଆଜି ସମାଜର ବିବିଧ କ୍ଷେତ୍ରରେ ସେମାନେ ନିଜ ପରାକାଷ୍ଠା ଦେଖାଇ, ଉତ୍କର୍ଷତା ପ୍ରତିପାଦିତ କରି ସମାଜ ପାଇଁ,ଦେଶ ପାଇଁ ଆଶାର ଆଲୋକ ସାଜିଛନ୍ତି, ବିଶ୍ୱାସର କେନ୍ଦ୍ର ବିନ୍ଦୁ ପାଲଟି ଯାଇଛନ୍ତି ଏବଂ ରାଷ୍ଟ୍ର ସେବାର ମହା ସ୍ରୋତରେ ନିଜକୁ ସମ୍ମିଳିତ କରି ଚାଲିଛନ୍ତି ।

କେତେ ଜନ୍ମର ପୁଣ୍ୟ 'ରେ ବାଳବିକାଶ ଗୁରୁ ହେବାର ଗୁରୁ ଭାର ଭଗବାନ ପ୍ରଦାନ କରିଥାଆନ୍ତି । ପ୍ରତି ମୁହୂର୍ତ୍ତରେ ଦିବ୍ୟ ପ୍ରେମକୁ ଅନୁଭବ କରି ଚାଲିଥାଏ ଗୁରୁଙ୍କର ପ୍ରତି ହୃଦ୍ ସ୍ପନ୍ଦନ । ଧର୍ମ ସଂସ୍ଥାପନାର ଦିବ୍ୟ ମିଶନରେ ସାଇ ବଗିଚାର ଟିକି କଳିକାଙ୍କ ପ୍ରସ୍ଫୁଟନର ଅପୂର୍ବ ଦାୟିତ୍ୱ ପ୍ରଭୁ କେତେ ବିଶ୍ୱାସରେ ଟେକି ଦେଇଛନ୍ତି ବାଳବିକାଶ ଗୁରୁଙ୍କ ହାତରେ,ଗୁରୁ ଉପାଧିରେ ଭୂଷିତ କରି । ସେଦିନ ଦିବ୍ୟ ହସ୍ତରେ ବପନ କରିଥିବା ବୀଜ ଆଜି ପ୍ରେମର ଜଳ ସିଂଚନରେ ପ୍ରସ୍ଫୁଟିତ,ବିକଶିତ ତଥା ସୁଗନ୍ଧିତ । ୧୯୬୯ ମସିହାରେ ଭଗବାନ "ବାଳ ବିହାର"ର ଶୁଭାରମ୍ଭ କରିଥିଲେ ଏବଂ ଏହାର ଦାୟିତ୍ୱ ମହିଳା ବିଭାଗକୁ ଦେଇଥିଲେ । ସେ ଚାହୁଁଥିଲେ, ଏ ଦେଶର ଶିଶୁ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାକୁ ଜାଣୁ, ଗପ, ଗୀତ ନାଚ, ଖେଳ ମଧ୍ୟରେ ମୂଲ୍ୟବୋଧର ଅଭ୍ୟାସ କରୁ, ରାମାୟଣ ମହାଭାରତର କାହାଣୀ ଶୁଣୁ, ମାଆର ପ୍ରେମଭରା ସ୍ପର୍ଶରେ ପ୍ରେମଭରା ପରିବେଶରେ ସେ ବଢୁ, ସ୍ୱଦେଶ ପ୍ରୀତି ତା ଭିତରେ ବଢୁ।୧୯୭୧ ମସିହାରେ ଭଗବାନ ବାବା ଏହାକୁ "ଶ୍ରୀ ସତ୍ୟସାଇ ବାଳବିକାଶ"ନାମରେ ନାମିତ କଲେ ଯେଉଁଠି ଶିଶୁର ୯ ବର୍ଷର ଶିକ୍ଷା ଗ୍ରହଣ ମଧ୍ୟରେ ଶାରୀରିକ, ମାନସିକ, ବୌଦ୍ଧିକ, ଆବେଗିକ ଏବଂ ଆତ୍ମିକ ବିକାଶ ସାଧିତ ହୋଇଥାଏ ଏବଂ ଜୀବନକୁ ସାର୍ଥକ କରେ। ଗୁରୁ କେବଳ ଶିକ୍ଷା ଦିଅନ୍ତିନି, ନିଜ ଜୀବନରେ ପାଳନ କରନ୍ତି । ମାଆ ଚଢ଼େଇ ଯେମିତି ଖାଦ୍ୟକୁ ଚୋବେଇ କଅଁଳ କରି ନିଜ ଶିଶୁ ଶାବକକୁ ଖାଇବାକୁ ଦିଏ ବାଳବିକାଶ ଗୁରୁ ତାଙ୍କ ଉପଦେଶକୁ ନିଜ ଜୀବନରେ ଆଚରଣରେ ଦେଖାଇ ଶିଶୁ ପାଇଁ ପ୍ରେରଣାର ଉତ୍ସ ହୋଇଯାଆନ୍ତି ।

ମନେ ପଡେ ୧୯୭୯ ମସିହାର ସେହି ସର୍ବ ଭାରତୀୟ ସମ୍ମିଳନୀରେ ଭଗବାନଙ୍କ ଦିବ୍ୟ ସମ୍ଭାଷଣ । କେତେ ପ୍ରେମର ସହ ଅତି ଆପଣାର ବାଳବିକାଶ ଗୁରୁଙ୍କୁ ସଗର୍ବେ କହିଥିଲେ, "ବାଳବିକାଶ ଗୁରୁ ମୋର ସଂପତ୍ତି ତଥା ରାଷ୍ଟ୍ରର ସଂପତ୍ତି ।" ସେହି ପଦିଏ କଥା, ସହସ୍ର ଏକ ନିଷ୍ଠ, ତ୍ୟାଗ ତପସ୍ୟା, ନିର୍ମଳ ନିଃସ୍ୱାର୍ଥ ପ୍ରେମର ଧରୋହର ବାଳବିକାଶ ଗୁରୁଙ୍କ ଏକମାତ୍ର ପୁଞ୍ଜି ଏବଂ ରାଷ୍ଟ୍ର କୋଣାର୍କର ନିର୍ମାଣରେ ନିର୍ଲିପ୍ତ ଭାବରେ ତାଙ୍କୁ ବ୍ରତୀ କରି ପାରିଛି। ୧୯୯୪ ମସିହା ବୃନ୍ଦାବନ, ବାଙ୍ଗାଲୋର ସର୍ବ ଭାରତୀୟ ଗୁରୁ ସମ୍ମିଳନୀର ମାହେନ୍ଦ୍ର ବେଳା। ସାରା ଭାରତ ବର୍ଷରୁ ଆସି ଏକତ୍ରିତ ହୋଇଥିବା ବାଳବିକାଶ ଗୁରୁ ପଞ୍ଜିକରଣ ମାଧ୍ୟମରେ କିଛି ଆର୍ଥିକ ସହଯୋଗ ପ୍ରଦାନ କରିଥିଲେ। ଭଗବାନଙ୍କ ମାତୃ ହୃଦୟ ବିକଳି ଉଠିଥିଲା । ସେସବୁ ଅର୍ଥକୁ ଦେଇ ଦେବାକୁ କହି ସେ କହିଥିଲେ, 'ମୋ ସନ୍ତାନମାନେ ତାଙ୍କ ମାଆ ଘରକୁ ଆସିଛନ୍ତି ପରା' । ସେହି ଅମୃତୋପମ ମାତୃ ପ୍ରେମ ପାଇଁ ଆଜି ପ୍ରତି ଗୁରୁଙ୍କ ଜୀବନ ଧନ୍ୟ ।

ପ୍ରଭୁ ଆମର ମାତା,ପିତା ବନ୍ଧୁ, ସଖା ସବୁ କିଛି। ସେଦିନ, ବର୍ତ୍ତମାନର ଜାତୀୟ ଶିକ୍ଷା ସଂଯୋଜିକା,ବାଳବିକାଶ ଗୁରୁ ଶ୍ରୀମତୀ କମଳା ପାଣ୍ଡିଆଙ୍କ ବିବାହ ଉତ୍ସବର ଆୟୋଜନ ନିଜେ ଶ୍ରୀ ସତ୍ୟସାଇ ବାବା କରୁ ଥାଆନ୍ତି। ଭାବ ବିହ୍ୱଳିତ ହୋଇ ଶ୍ରୀମତୀ ପାଣ୍ଡିଆ କହି ଉଠିଲେ,'ପ୍ରଭୁ ମୋ ଭଳି ଜଣେ ସାମାନ୍ୟ ମନୁଷ୍ୟ ପାଇଁ ଆପଣ ଏତେ ଶ୍ରମ କାହିଁକି କରୁଛନ୍ତି" । ସଙ୍ଗେ ସଙ୍ଗେ ପ୍ରଭୁ ଉତ୍ତର ଦେଇଥିଲେ "ତୁ ମୋର ବାଳବିକାଶ କାମରେ ଲାଗିଛୁ, ମୁଁ କଣ ତୋ ପାଇଁ ଏତିକି କରି ପାରିବି ନି' । 'ମୋର ବାଳବିକାଶ' ଏଥିରୁ ଜଣା ପଡେ ପ୍ରଭୁଙ୍କ ତାହା କେତେ ପ୍ରିୟ । ବାଳବିକାଶ ତାଙ୍କ ହୃଦୟ, ବାଳବିକାଶ ଗୁରୁ ତାଙ୍କର ଅତି ପ୍ରିୟ ଆଉ ସେ ସହସ୍ର ବାଳବିକାଶ ଗୁରୁଙ୍କ ପ୍ରାଣ ଧନ ।ବାଳବିକାଶର ପିଲା ଗୁରୁଙ୍କ ପ୍ରେମ ସନ୍ତାନ ଯେଉଁଠି ତୋର ମୋର ସଂପର୍କର ବହୁ ଉର୍ଦ୍ଧ୍ୱରେ ସମସ୍ତେ ଅତି ଆପଣାର ଏବଂ ସମସ୍ତଙ୍କ ପ୍ରତି ଗୁରୁ ସମାନ ବ୍ୟବହାର ପ୍ରଦର୍ଶିତ କରିଥାନ୍ତି।

ଭଗବାନ୍ ସବୁବେଳେ ପାଖେ ପାଖେ ଥିବାର ଅନୁଭବ ପ୍ରଦାନ କରି ନିଜେ ହିଁ ଏହି ଗୁରୁ ଭାର ବହନ କରିଛନ୍ତି । ଗୁରୁଙ୍କୁ ନିମିତ୍ତ କରିଛନ୍ତି, ଏହା ତାଙ୍କର ଅନାବିଳ ଦିବ୍ୟ ପ୍ରେମ । କେତେବେଳେ ନିଜେ ଗୁରୁଙ୍କ ହୃଦୟ ମାନସରେ ନୂଆ ନୂଆ ଚିନ୍ତନର ନିର୍ଝର ରୂପେ ପ୍ରତିଭାତ ହେଉଛନ୍ତି ତ କେତେବେଳେ ଗୁରୁଙ୍କ ପ୍ରତିଟି ନିର୍ମଳ ପ୍ରାର୍ଥନାର ପ୍ରତ୍ୟୁତ୍ତର ଦେଇ ଆସୁଛନ୍ତି, ପୁଣି କେତେବେଳେ ବାଳବିକାଶ ଗୁରୁଙ୍କ ବ୍ୟାକୁଳତା ଓ ବିବଶତାକୁ ବୁଝି ନିଜେ ହିଁ ସଶରୀରେ ଆସି କ୍ଲାସ୍ ଟି ନେଇ ପ୍ରିୟ ବାଳବିକାଶ ପିଲାଙ୍କ ଉପରେ ଅଜସ୍ର କୃପା ବର୍ଷା କରୁଛନ୍ତି ଏବଂ ଗୁରୁଙ୍କୁ ପ୍ରତି ମୁହୂର୍ତ୍ତରେ ଏହି ଅନୁଭବ ପ୍ରଦାନ କରୁଛ "ବଙ୍ଗାରୁ, ମୁଁ ଥାଉ ଥାଉ ଭୟ କାହିଁକି ? ଶ୍ରୀ ସତ୍ୟସାଇ ବାବା କହିଛନ୍ତି," ବାଳ ବିକାଶ ଗୁରୁ ମୋ ସହ ସିଧା ବାର୍ତ୍ତାଳାପ କରି ପାରିବେ।" ତାଙ୍କ ଅଭୟ ବରଦ ହସ୍ତର ଛତ୍ର ଛାୟା ତଳେ ଥିବା ନିର୍ଭୟ, ଭାବପୂର୍ଣ୍ଣ ହୃଦୟରେ ସଦା ଅନୁରଣିତ ହେଉଛି ଦିବ୍ୟ ବାଣୀର ଝଙ୍କାର ।

ଭଗବାନ କହିଛନ୍ତି, ବାଳବିକାଶ ପିଲା ରୂପରେ ତୁମ ପାଖକୁ ଆସୁଥିବା ସାଇରାମଙ୍କ ସେବାରେ ନିଜକୁ ହଜେଇ ଦିଅ ଏବଂ ଶ୍ରୀରାମଙ୍କ ଦର୍ଶନରେ ଶବରୀ ଯେଉଁ ଆନନ୍ଦର ଅଧିକାରୀ ହୋଇଥିଲେ ତୁମେ ମଧ୍ୟ ସେହି ଆନନ୍ଦର ଅଧିକାରୀ ହୁଅ । ଆଃ, କି କରୁଣା । ଟିକି କଳିକାଙ୍କ ରୂପରେ ନିଜେ ଗୁରୁଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଆନନ୍ଦ ବର୍ଦ୍ଧନ କରୁଛନ୍ତି ପୁଣି ନିଜେ ଗୁରୁ ଭାର ବହନ କରି ଗୁରୁ ଓ ଶିଷ୍ୟ ଉଭୟଙ୍କୁ ରୂପାନ୍ତରଣର ପଥେ ଘେନି ଯାଉଛନ୍ତି । ଭଗବାନଙ୍କ ସର୍ବୋତ୍କୃଷ୍ଟ ଚମତ୍କାରିତା ହେଉଛି, ତାଙ୍କର ରୂପାନ୍ତରଣର କଳା। ପିଲାଙ୍କ ଭିତରେ ମାନବୀୟ ମୂଲ୍ୟବୋଧର ବୀଜ ବପନରେ,ତାଙ୍କୁ ଗଢିବାର ପ୍ରୟାସରେ, ଟିକି କଳିକା ମଧ୍ୟରେ ପୂର୍ଣ୍ଣ ବିକଶିତ ହେବାର ସମ୍ଭାବନାକୁ ଅନୁଭବ କରିବା ମଧ୍ୟରେ ଗୁରୁ ନିଜକୁ ହିଁ ରୂପାନ୍ତରଣର ଧାରାରେ ପାଉଛନ୍ତି। ବାଳବିକାଶକୁ ଜୀବନର ଆଧାର ତଥା ଜୀବନର ଶୈଳୀ ରୂପରେ ପ୍ରଦାନ କରି ଭଗବାନ ନିଜେ ହିଁ ଜୀବନ ଆଧାର ହୋଇ ଯାଇଛନ୍ତି ଏବଂ ଶ୍ରୀ ସତ୍ୟସାଇ ବାଳବିକାଶ ହିଁ ପାଲଟିଛି ଗୁରୁଙ୍କ ଜୀବନ ସଙ୍ଗୀତ ।

ଯେତେବେଳେ ଶ୍ରୀମତୀ କମଳା ପାଣ୍ଡିଆଙ୍କୁ ଶ୍ରୀ ସତ୍ୟସାଇ ବାବା ପଚାରୁଛନ୍ତି, "ତୋର କେତୋଟି ପିଲା" ଏବଂ ନବ ବିବାହିତା ଶ୍ରୀମତୀ ପାଣ୍ଡିଆ ନାସ୍ତି ବାଚକ ଉତ୍ତର ବା ନିରୁତ୍ତର ପ୍ରାୟ ହେଉଛନ୍ତି ଭଗବାନ ସମ୍ମୁଖରେ ଥିବା ହଜାର ହଜାର ପିଲାଙ୍କୁ ଦେଖାଇ କହୁଛନ୍ତି,"ତାହେଲେ ଏମାନେ ସମସ୍ତେ କିଏ ?" ବାଳବିକାଶ ପିଲା ରୂପରେ ତାଙ୍କୁ ହିଁ ପ୍ରେମ ପୁତ୍ର ରୂପେ ପାଇ,ତାଙ୍କ ଦିବ୍ୟ ପ୍ରେମ ବିତରଣ ପାଇଁ ନିଜକୁ ନିମିତ୍ତ ଭାବରେ ପାଇ,ଅନ୍ତର୍ଜଗତକୁ ଯାତ୍ରାର ଅପୂର୍ବ ସୁଯୋଗ ପ୍ରାପ୍ତ କରି ବାଳବିକାଶ ଗୁରୁଙ୍କ ହୃଦୟ ପ୍ରତି ମୁହୂର୍ତ୍ତରେ କୃତଜ୍ଞତାରେ ପରିପୂର୍ଣ୍ଣ । ସେହି କୃତଜ୍ଞତା ପୂର୍ଣ୍ଣ ହୃଦୟ ସଦା ଗାଇ ଚାଲୁ ଏହି ନିବିଡ ବନ୍ଧନର ସୁମଧୁର ରାଗିଣୀ ।"ବାଳବିକାଶ ଗୁରୁ ଦେଶର ସଂପତ୍ତି" ଭଗବାନଙ୍କ ଏହି ଦିବ୍ୟ ବାଣୀରେ ସଦା ଅନୁପ୍ରାଣିତ ହୋଇ,ଦେବ ଶିଶୁ ନିର୍ମାଣ ମାଧ୍ୟମରେ ରାଷ୍ଟ୍ର କୋର୍ଣାକର ନିର୍ମାଣରେ ଗୁରୁ ବ୍ରତୀ ରହି ଥାଆନ୍ତୁ ।

+ଖରିଆର ରୋଡ,ନୂଆପଡ଼ା



# ସ୍ୱାଧିନ ଭାରତର ଶିଳ୍ପକାର ଥିଲେ ନେହେରୁ

## ଗୋପାଳ ମହାପାତ୍ର

ପଣ୍ଡିତ ଜବାହାରଲାଲ ନେହେରୁ ସ୍ୱାଧିନତା ସଂଗ୍ରାମର ମହାନାୟକ ମାନଙ୍କ ମଧ୍ୟରୁ ଅନ୍ୟତମ ଯିଏ କେବଳ ଭାରତର ସ୍ୱାଧିନତା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ତା ନୁହେଁ ବରଂ ବିଶ୍ୱରେ ଭାରତର ପ୍ରତିଷ୍ଠା ବଢ଼ାଇ ପାରିଥିଲେ। ୧୬ବର୍ଷ କାଳ ପ୍ରଧାନମନ୍ତ୍ରୀ ରହି ପଣ୍ଡିତ ନେହେରୁ ନବଅର୍ଜିତ ସ୍ୱାଧିନତା କୁ ସୁଗଠିତ କରିଥିଲେ ଏବଂ ଦେଶରେ ଶିଳ୍ପାୟନର ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ। ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଦେଶରେ ଅନେକ କଳ କାରଖାନା ଗଢି ଉଠିଥିଲା। ପିତା ମୋତିଲାଲ ନେହେରୁ ଜବାହାରଲାଲଙ୍କୁ ଉଚ୍ଚଶିକ୍ଷା ପାଇଁ ବିଲାତ (ଇଂଲଣ୍ଡ) ପଠାଇଥିଲେ। ବିଲାତରେ ପାଠପଢ଼ା ବେଳେ ସେ ସବୁ ଦେଶର ଇତିହାସକୁ ପଢିଥିଲେ ଯେଉଁସବୁ ଦେଶମାନେ ପରାଧିନତା ବେଡ଼ିରୁ ମୁକୁଳି ସ୍ୱାଧିନ ହୋଇଥିଲେ। ବାରିଷ୍ଟରୀ, ପରିକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ୧୯୧୨ ମସିହାରେ ଜବାହାରଲାଲ ଭାରତକୁ ଫେରି ଓକିଲାତି ଆରମ୍ଭ କରିଥିଲେ ଓ କିଛି ଦିନପରେ ଦେଶର ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇଥିଲେ। ୧୯୧୬ରେ ନେହେରୁଙ୍କ ସହ ଗାନ୍ଧୀଙ୍କର ଭେଟ ହୋଇଥିଲା ଲକ୍ଷ୍ନୌ କଂଗ୍ରେସ ଅଧିବେଶନରେ। ୧୯୧୯ରେ ହୋଇଥିବା ପ୍ରଥମ ବିଶ୍ୱଯୁଦ୍ଧ ପରେ କଂଗ୍ରେସ ପାର୍ଟି ପ୍ରତି ନେହେରୁ ଆକର୍ଷିତ ହୋଇଥିଲେ। ଜାଲିଆନାବାଲାବାଗ୍ ହତ୍ୟାକାଣ୍ଡ ଘଟଣାରେ ସେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାଶ ଏବଂ ମହାତ୍ମା ଗାନ୍ଧୀଙ୍କ ସହଯୋଗୀ ଥିଲେ। ୧୯୨୧ ରେ ପ୍ରଥମଥର ପାଇଁ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ସେ କଂଗ୍ରେସର କାର୍ଯ୍ୟକ୍ରମରେ ଅଧିକ ସକ୍ରିୟ ହୋଇଥିଲେ।

୧୯୨୪ ମସିହାରେ ନେହେରୁ କଂଗ୍ରେସ ପାର୍ଟିର ମହାମନ୍ତ୍ରୀ ହୋଇଥିଲେ। ୧୯୨୯ରେ ସେ ଯେତେବେଳେ କଂଗ୍ରେସର ଅଧକ୍ଷ ହେଲେ ସେତେବେଳେ ରାବିନଦୀ କୂଳରେ କଂଗ୍ରେସର ଏକ ଅଧିବେଶନରେ ପ୍ରସ୍ତାବ ଗୃହୀତ ହୋଇଥିଲା ଯେ 'ଭାରତର ଲୋକ ଅନ୍ୟ ଦେଶ ଭଳି ସ୍ୱାଧିନ ହୋଇ ରହିବାକୁ ନିଜର ଜନ୍ମସିଦ୍ଧ ଅଧିକାର ବୋଲି ଭାବୁଛଁ । ଲୋକେ ନିଜର ପରିଶ୍ରମର ଫଳ ନିଜେ ଭୋଗ କରିବାକୁ ଚାହୁଁଛଁ, ସେମାନଙ୍କ ଜୀବନ ନିର୍ବାହ ପାଇଁ ଆବଶ୍ୟକ ସୁବିଧା ମିଳିବା ଚାହାଁ ଯାହା ସେମାନଙ୍କ ବିକାଶ ପାଇଁ ଅବସର ସୃଷ୍ଟି କରିବ,' ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧିନ ହେଲା ଏବଂ ନେହେରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ। ସ୍ୱାଧିନତାକୁ ଅଁମ ପର୍ଯ୍ୟ' ପହଞ୍ଚାଇବା ତାଙ୍କର ଲକ୍ଷଥିଲା। ଦେଶ ସ୍ୱାଧିନ ହେବାପରେ ସେ ଦେଶରେ ପ୍ରଥମ ଏସୀୟ କନଫରେନ୍ସର ଆୟୋଜନ କରାଇଥିଲେ ଓ କହିଥିଲେ ଯେ ଭାରତର (ଆମର) ଉଦେଶ୍ୟ ହେଉଛି ବିଶ୍ୱରେ ଶାଁ ପ୍ରତିଷ୍ଠା ଏବଂ ବିକାଶ। ନେହେରୁଙ୍କ ବିଚାର ଆଫ୍ରିକାରେ ସ୍ୱାଧିନତା ସଂଗ୍ରାମକୁ ଜନ୍ମ ଦେଇଥିଲା। ତାଙ୍କ ପ୍ରେରଣା ରେ କଙ୍ଗୋ, କେନିଆ, ନାଇଜେରିଆ, ଟ୍ୟୁନିସିଆ, ଘାନା, ଲିବ୍ୟା, ସୁଡ଼ାନ ଏବଂ ମରକ୍କୋ ଭଳି ଦେଶରେ ସ୍ୱାଧିନତା ସଂଗ୍ରାମ ବ୍ୟାପିଥିଲା ଓ ସେସବୁ ଦେଶ ସ୍ୱାଧିନ ହୋଇଥିଲେ।

ପଣ୍ଡିତ ନେହେରୁ ସ୍ୱତନ୍ତ୍ରତା, ଗଣତନ୍ତ୍ର ଏବଂ ମାନବାଧିକାରର ପ୍ରବଳ ପକ୍ଷଧର ଥିଲେ। ୧୯୩୬ ମସିହାରେ ମୁସୋଲିନ ନେହେରୁଙ୍କୁ ଡ଼କାଇଥିଲେ ଓ ୧୯୩୮ରେ ହିଟଲର ମଧ ନେହେରୁଙ୍କୁ ଡ଼କାଇଥିଲେ କିଁ ନେହେରୁ ଏ ଦୁହିଁଙ୍କୁ ଭେଟିବା ପାଇଁ ସ୍ପଷ୍ଟ ମନ କରିଦେଇଥିଲେ। ଗଣତନ୍ତ୍ରର ପ୍ରଚଣ୍ଡ ସମର୍ଥକ ନେହେରୁ ଗଣତନ୍ତ୍ର ବିରୋଧି କୌଣସି ଶାସକଙ୍କୁ ଭେଟିବାକୁ ଚାହୁଁନଥିଲେ ପ୍ରଧାନମନ୍ତ୍ରୀଭାବେ ନେହେରୁ ଯେତେବେଳେ ଇଂଲଣ୍ଡ ଯାଇଥିଲେ ସେତେବେଳେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ସହ ତାଙ୍କର ଭେଟ ହୋଇଥିଲା। ଚର୍ଚ୍ଚିଲ ତାଙ୍କୁ ପଚାରିଥିଲେ ଯେ ଇଂରେଜ ଶାସନକୁ ବିରୋଧ କରି ସେ କେତେବର୍ଷ ଜେଲ ଯାଇଥିଲେ। ନେହେରୁ ଉତ୍ତରରେ ୧୦ ବର୍ଷ କହିଥିଲେ। ଚର୍ଚ୍ଚିଲ ପୁଣି କହିଥିଲେ ଯେ ଆପଣଙ୍କ ପ୍ରତି କରାଯାଇଥିବା ବ୍ୟବହାର କାରଣରୁ ଆପଣ ଆମକୁ ଘୃଣା କରିବା କଥା। ନେହେରୁ ଚର୍ଚ୍ଚିଲଙ୍କ ଏଭଳି ପ୍ରଶ୍ନର ଉତ୍ତରରେ କହିଥିଲେ ଯେ 'ଆମ ଏମିତି ଜଣେ ନେତାଙ୍କ ନେତୃତ୍ୱରେ କାମ କରୁଥିଲୁ ଯିଏ ଆମକୁ ଶିଖାଇଥିଲେ - କାହାରିକୁ ଡ଼ର ନାହିଁ, କାହାରିକୁ ଘୃଣା କରନାହିଁ। ଆମେ ସେ ସମୟରେ ଆପଣଙ୍କୁ (ଇଂରେଜମାନଙ୍କୁ) ଡ଼ରୁନଥିଲୁ ଏଣୁ ଘୃଣାମଧ କରୁ ନଥିଲୁ' । ନେହେରୁଙ୍କ ଉତ୍ତର ଶୁଣି ଚର୍ଚ୍ଚିଲ ଆଚମ୍ବିତ ହୋଇ ଯାଇଥିଲେ।

ନେହେରଙ୍କ ସାରା ଜୀବନ ହେଉଛି ମାନବତାର ସେବାର ଅବସ୍ମରଣୀୟ କାହାଣୀ। ନେହେରୁଙ୍କର ଆତ୍ମବିଶ୍ୱାସ ଅଧିକ ଥିଲା। ୧୯୩୮ରେ ସ୍ପେନରେ ଗୃହଯୁଦ୍ଧ ଚାଲିଥିବାବେଳେ ସେ ସ୍ପେନ ଗସ୍ତରେ ଯାଇଥିଲେ। ୧୯୩୯ସେ ଚୀନ ଯାଇଥିଲେ। ସେତେବେଳେ ଚୀନରେ ମଧ ଅବସ୍ଥା ଭୟଙ୍କର ଥିଲା। ୧୯୫୪ରେ ନେହେରୁ ପଞ୍ଚଶୀଳ ଏବଂ ସହ ଅସ୍ତିତ୍ୱର ସ୍ଲୋଗାନ ଦେଇଥିଲେ। ନେହେରୁ ସେ ସମୟରେ ବିଶ୍ୱର ଦୁଇ ମହାଶକ୍ତି ଆମେରିକା ଓ ରୁଷିଆ କାହାରି ଗୋଡ଼ାଣିଆ ହେବାକୁ ପସନ୍ଦ କରିନଥିଲେ। ସେ ଗୋଷ୍ଠୀ ନିରପେକ୍ଷ ଏବଂ ପଞ୍ଚଶୀଳ ସିଦ୍ଧା'କୁ ପାଳନକରି ବିଶ୍ୱବନ୍ଧୁତ୍ୱ ଓ ବିଶ୍ୱଶାଁ ପାଇଁ ଏକ ନୂଆ ସୂତ୍ର ପ୍ରଦାନ କରିଥିଲେ। ମାର୍ଶାଲ ଟିଟୋ ଏବଂ ଅବଦୁଲ ଗମାଲଙ୍କ ସହ ମିଶି ଏସିଆ ଓ ଆଫ୍ରିକାରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ। ଏତଦ୍ ବ୍ୟତୀତ କୋରିଆ ଯୁଦ୍ଧ ବନ୍ଦ କରିବା, ସୁଏଜ କେନାଲ ବିବାଦର ସମାଧାନ ଏବଂ କଙ୍ଗୋ ବୁଝାବଣା ଭଳି ଆ'ର୍ଯାତୀୟ ସମସ୍ୟାର ସମାଧାନ ପାଇଁ ସେ ଉଦ୍ୟମ କରିଥିଲେ। ଏକଥା ସତ୍ୟ ଯେ ପାକିସ୍ଥାନ ଏବଂ ଚୀନ ସହ ଭାରତର ବିବାଦକୁ ସମାଧାନ କରିବା ଦିଗରେ ନେହେରୁ ସଫଳ ହୋଇନଥିଲେ। କିଁ ଏଥିପାଇଁ କେବଳ ନେହେରୁଙ୍କୁ ଦାୟୀ କରାଯାଇପାରିବ ନାହିଁ। ପାକିସ୍ଥାନ ଏବଂ ଚୀନ ସମସ୍ୟାର ସମାଧାନ ପାଇଁ ଆଗ୍ରହ ପ୍ରକାଶ କରିନଥିଲେ। ଏବେବି ଏଦୁଇ ଦେଶର ମାନସିକତା ପୂର୍ବଭଳି ରହିଛି। ପୁଁଜିବାଦ, ସାମ୍ରାଜ୍ୟବାଦ, ଜାତିବାଦ ଏବଂ ଉପନିବେଶବାଦ ବିରୁଦ୍ଧରେ ସେ ଜୀବନବ୍ୟାପୀ ସଂଘର୍ଷ ଜାରି ରଖିଥିଲେ। ତାଙ୍କ ମତଥିଲା ଦେଶର ବିକାଶ ପାଇଁ ସୌହାର୍ଦ୍ଦପୂର୍ଣ୍ଣ ସହାବସ୍ଥାନର ଆବଶ୍ୟକତା ରହିଛି। ଭାରତର ବିକାଶ ପାଇଁ ସେ ପଞ୍ଚବର୍ଷୀୟ ଯୋଜନା ଆରମ୍ଭ କରିଥିଲେ। କୃଷି ଓ କୃଷକର ବିକାଶକୁ ଆଗ୍ରାଧିକାର ଦେଇଥିଲେ ପଣ୍ଡିତ ନେହେରୁ। ରୋଜଗାର ସୃଜନ ଏବଂ ବିକାଶର ରାସ୍ତାକୁ ସୁଗମ କରିବା ପାଇଁ ଦେଶରେ ଅନେକ କଳ କାରଖାନା ସ୍ଥାପନ କରିଥିଲେ। ଆଜି ନେହେରୁ ଗଢ଼ିଥିବା ମୂଳଦୁଆ ଉପରେ ଭାରତ ବିକାଶର ଚିତ୍ର ଅଙ୍କା ଯାଉଛି। ନେହେରୁଙ୍କ ମାନବୀୟ ପକ୍ଷ ଅତ୍ୟ' ଉଦାର ଏବଂ ସମାବେଶୀ ଥିଲା। ଦେଶରୁ ଦାରିଦ୍ର୍ୟ ବିଲୋପ ଏବଂ ଅସ୍ପୃଷ୍ୟତା ନିବାରଣ ଉପରେ ସେ ଅଧିକ ଗୁରୁତ୍ୱ ଦେଉଥିଲେ। ହିନ୍ଦୁ ସିଭିଲ କୋଡ଼କୁ ସୁଧାରି ଉତ୍ତରାଧିକାର ଏବଂ ସମ୍ପତ୍ତି ମାମଲାରେ ବିଧବାଙ୍କୁ ପୁରୁଷଙ୍କ ସହ ସମାନ ଅଧିକାର ଦେଇଥିଲେ ନେହେରୁ।

+ରାମଚନ୍ଦ୍ର ପୁର, ରଣପୁର
ମୋ-୯୪୩୮୪୮୫୦୯୪

## କବିତା କୋଣାର୍କ



### ତୁମେ ନଥିଲା ବେଳେ

**ରମାକାନ୍ତ ଦାସ**

ତୁମେ ନଥିଲା ବେଳେ
କେମିତି ଗୋଟେ ଖାଁ ଖାଁ ଲାଗେ
ବହଳ ଶୂନ୍ୟତାରେ ଭରିଯାଏ ଫଗୁଣ
କଣ୍ଟକିତ କୋହ ସବୁ
ରାତିର ଛାତିଚିରି
ଆଉଜେଇ ଦିଅନ୍ତି ତତଲା ନିଶ୍ୱାସ ।।

ରାତ୍ରିର ଅନାବଶ୍ୟକ ପ୍ରହରରେ
ତୁମ ସ୍ମୃତିସବୁ ଫେରିଆସନ୍ତି
ମୋ ହୃଦୟ ଭିତରକୁ
ଅଥୟ ଓ ଅସ୍ଥିର ହୋଇଯାଏ
ମୋ ହୃଦୟ।

ତୁମେ ଚାଲିଗଲା ପରେ
ଖାଁ ଖାଁ ଲାଗେ ସବୁ ମୁହୂର୍ତ୍ତ
ଭାରି ଏକୁଟିଆ ଲାଗେ ତୁମବିନା
ଏମିତି ଲାଗେ ହାତଗୋଡ଼ ସବୁ
ଯେମିତି ତୁମ ଘରମୁହାଁ
ମୋ ଅଜାଣତରେ ମୋ ପରି ।।

ଭାରି ଅସହାୟ ଲାଗେ ତୁମେ ନଥିଲେ
ତୁମର ଟୋପାଏ ପ୍ରେମରେ
ମୋ ହୃଦୟ ତରଳି ଯାଏ
ତୁମ ଅନୁପସ୍ଥିତିରେ
ତୁମ ଉପସ୍ଥିତି ଜାହିର କରିପାରେନି
ଭାରି ଏକା ଏକା ଲାଗେ
ତୁମେ ନଥିଲେ ।।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ: ୯୬୬୮୮୧୫୩୬୯

### ଶୀତରାଣୀ

**ଦଶରଥ ମାଝୀ**



ଧରା କୋଳେ ଶୀତ ସକାଳେ ରାତିରେ
ଆସୁଅଛି ଶୀତରାଣୀ
ଋତୁ ଚକ୍ର କ୍ରମେ ଶୀତର ଆରମ୍ଭ
କୁହୁଡି କାକର ଆଣି (୧)
ଫୁଲ ଫଳ ଭରା ଉଦ୍ୟାନ ଦେଖିଲେ
ମନ ଲାଗେ ଭାରି ଖୁସି
ଘାସ ଗାଲିଚାରେ ଶିଶିରର ଟୋପା
ବୁନ୍ଦା ବୁନ୍ଦା ପଡେ ଖସି (୨)
ଶୀତକୁ ଖାତିର ନ ଥାଏ ଚାଷୀର
ଖୁସି ମନେ ଧାନ କାଟେ
ଶୀତ ଗୀତ ଗାଇ ଆନନ୍ଦ ମନରେ
ଚାଲି ବୁଲେ ହୁଡ଼ା ବାଟେ (୩)
ସକାଳୁ ସକାଳୁ ଚା ଦୋକାନରେ
ଲୋକଙ୍କର ଜମେ ଭିଡ଼
ନିତ୍ୟକର୍ମ ସାରି ସକାଳରେ ଖାଏ
ବରା ସିଙ୍ଗଡ଼ା ପାମ୍ପଡ (୪)
ଦିନ ଛୋଟ ହୁଏ ରାତି ବଢ଼ି ଯାଏ
ବୁଢାବୁଢ଼ୀ ପାଇଁ କାଳ
ହାଡ଼ ଭଙ୍ଗା ଶୀତ ଛାତି ଥରିଯାଏ
ସାଇତା କନ୍ଥା କମ୍ବଳ (୫)

+ କୁରୁମାଚୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ :୮୨୪୯୨୧୨୪୭୨

# ଶିଶୁ ଦିବସର ତାତ୍ପର୍ଯ୍ୟ

## ସୁନନ୍ଦା ମହାନ୍ତି



ମଣିଷର ଜନ୍ମ ଆଉ ମୃତ୍ୟୁ ଚିରନ୍ତନ ସତ୍ୟ। ଯେଉଁ ବ୍ୟକ୍ତି ଇଶ୍ୱରଙ୍କ ଆଶୀର୍ବାଦ ନେଇ ଜନ୍ମ ଗ୍ରହଣ କରିଥାଏ ସେ ନିଜ କର୍ମ ବଳେ ଦେଶ ଓ ଜାତିର ମୁଖ ଉଜ୍ଜ୍ୱଳ କରିଥାଏ। ସେହିଭଳି ଜଣେ ବ୍ୟକ୍ତି ଏହି ଧରା ପୃଷ୍ଠରେ ୧୮୮୯ମସିହା ନଭେମ୍ବର ୧୪ତାରିଖରେ ଆଲ୍‌ହାବାଦର ଆନନ୍ଦ ଭବନରେ ପିତା ମୋତିଲାଲ ନେହେରୁ ଓ ମାତା ସ୍ୱରୂପାରାଣୀଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ସାଧନା ଓ କର୍ମ ବଳରେ ତାଙ୍କ ନଶ୍ୱର ଦେହ ଇଶ୍ୱର ନେଇଗଲେ ମଧ୍ୟ ସେ ଆଜି ବି ମନେପଡ଼ନ୍ତି କାଳଜୟୀ ସ୍ରଷ୍ଟା ରୂପେ। ତାଙ୍କ ଜନ୍ମଦିନକୁ ଶିଶୁ ଦିବସ ରୂପେ ପାଳନ କରାଯାଏ। ତାଙ୍କ ପରି ମଣିଷ ମରଦେହରେ ପାଲଟି ଯାଇଛନ୍ତି ଅମରମଣିଷ। ତାଙ୍କପରି ମଣିଷଙ୍କ ଜନ୍ମ ମୃତ୍ୟୁ ମାନବ ସମାଜ ପାଇଁ ହୋଇଯାଏ ସ୍ମରଣୀୟ। ଆମ ଦେଶ ଭାରତ ତଥା ପୃଥିବୀରେ ବହୁ ସ୍ମରଣୀୟ ଦିବସ ପାଳନ କରାଯାଉଛି। ନେହେରୁଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି। ସେ କହୁଥିଲେ ଶିଶୁମାନେ ଭବିଷ୍ୟତର ନାଗରିକ ତଥା କର୍ଣ୍ଣଧାର। ଶିଶୁମାନେ ଦେଶର ପ୍ରଗତି ଓ ଶକ୍ତି। ଦେଶର ସାମଗ୍ରିକ ବିକାଶ



ଶିଶୁମାନଙ୍କ ଉପରେ ନିର୍ଭର କରେ ତେଣୁ ସେମାନଙ୍କ ସର୍ବାଙ୍ଗୀନ ଉର୍ନ୍ନତି ଦେଶ ଓ ଜାତିର ପରମ କର୍ତ୍ତବ୍ୟ। ପୃଥିବୀର ଅନ୍ୟତମ ଶ୍ରେଷ୍ଠ ରାଜନୀତିଜ୍ଞ, ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ ମରିବାକୁ ଚାହେଁ ମୁହିଁ ସୁନ୍ଦର ଭୁବନେ। ବଞ୍ଚିବାକୁ ଚାହେଁ ମୁହିଁ ଶିଶୁଙ୍କ ଗହଣେ। ଏହି ପଦ୍ୟାଂଶଟି ତାଙ୍କ ଶିଶୁମାନଙ୍କ ପ୍ରତି ଗଭୀର ପ୍ରେମର ଏକ ଭାବ ଉକ୍ତି। ତାଙ୍କ ହୃଦୟ ଥିଲା ଶିଶୁ ମନ ପରି ସ୍ୱଚ୍ଛ ଓ ନିର୍ମଳ। ହସ ଓ କାନ୍ଦ ଦୁନିଆଁରେ ସେ ଯେମିତି ଗୋଟେ ଚଳଚଞ୍ଚଳ ଶିଶୁ ଥିଲେ। ଶିଶୁମାନେ ଥିଲେ ସତେ ଯେପରି ତାଙ୍କ ହୃଦୟରେ ବନ୍ଧୁ। ଶିଶୁମାନଙ୍କ ଉଦେଶ୍ୟରେ ସେ ନିଜ କାହାଣୀ ଶୁଣେଇବାକୁ ଯାଇ କହିଛନ୍ତି ଯେ ଶିଶୁମାନଙ୍କ ସହ ଗପ କଲେ ଜୀବନର ସକଳ ଦୁଃଖ ଭୁଲି ହୋଇଯାଏ। ଭୁଲିହୋଇଯାଏ ବାର୍ଦ୍ଧକ୍ୟ, ଫେରିଆସେ ସୁନ୍ଦର ସରସ ଶୈଶବ, ସକଳ ଜଞ୍ଜାଳ ଭିତରେ ହୃଦୟରେ ଶାନ୍ତି ବିରାଜ କରେ, ପ୍ରକୃତିରେ ଥିବା ଅପରୂପ କାନ୍ତି ଭରା ଫୁଲ, ଫଳ, ବୃକ୍ଷ, ଲତା, ନଦୀ, ଜଳ ତଥା ପକ୍ଷୀର କାକଳୀ ସବୁର ସମାହାର ଅନୁଭବ ହୁଏ। ନେହେରୁ ବୁଝିଥିଲେ ଶିଶୁମାନେ ହେଉଛନ୍ତି ସରଳ, କୋମଳ ଓ ନିଷ୍ପାପ ହୃଦୟ। ଶିଶୁମାନଙ୍କ ଗହଣରୁ ଶାନ୍ତି ଓ ନୈସର୍ଗୀକ ଆନନ୍ଦ ମିଳୁଥିବାରୁ ସେ ଶିଶୁମାନଙ୍କୁ ପ୍ରାଣଭାରି ଭଲପାଉଥିଲେ। ଏସବୁ ଲକ୍ଷକରି ଜାତିର ପିତା ମହାତ୍ମା ଗାନ୍ଧିଜୀ କହିଥିଲେ ନେହେରୁ ହେଉଛନ୍ତି ସ୍ଫଟିକ ପରି ସ୍ୱଚ୍ଛ। ନେହେରୁଙ୍କ ଶିଶୁ ବତ୍ସଳତା ସମ୍ପର୍କରେ ଅନ୍ୟ ଏକ କଥା ଶୁଣାଯାଏ ଯେ ତାଙ୍କ ଯାତ୍ରା ସମୟରେ ନିଜ କାର ଧକ୍କାରେ ଗୋଲାପ ନାମ୍ନୀ ବାଳିକାର ନିହତ ରେ ସେ ମ୍ରିୟମାଣ ହୋଇପଡ଼ିଥିଲେ। ପୋଷାକରେ ନିୟମିତ ଗୋଲାପ ଫୁଲ ଖୋସି ତାର ସ୍ମୃତି ଓ ସ୍ମାରକୀ ବହନ କରି ତାକୁ ମନ ଓ ହୃଦୟ କନ୍ଦରରେ ସ୍ଥାନ ଦେଇଥିଲେ। ଶିଶୁମାନଙ୍କ ଦୃଷ୍ଟିରେ ସେ ପ୍ରଧାନ ମନ୍ତ୍ରୀ ବା ରାଷ୍ଟ୍ରନାୟକ ନୁହଁ ବରଂ ଅତିପ୍ରିୟ ଚାଚା ନେହେରୁ ଯିଏ ନିଜ ଜନ୍ମଦିନକୁ ଶିଶୁମାନଙ୍କ ପାଇଁ ଉତ୍ସର୍ଗ କରିଦେଇ ଅମର ହୋଇଯାଇଛନ୍ତି।

ଚାଚା ନେହେରୁଙ୍କ ପିତା ମୋତିଲାଲ ନେହେରୁ ଜଣେ ଧନାଢ୍ୟ ବ୍ୟକ୍ତି ତଥା ବିଶିଷ୍ଟ ଆଇନଜ୍ଞ ଥିବାରୁ ନେହେରୁ ମାତ୍ର ପନ୍ଦର ବର୍ଷ ବୟସରେ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାତ୍ରା କରି ବିଖ୍ୟାତ ହାରୋ ସ୍କୁଲ ଓ କେମ୍ବ୍ରିଜ ର ଟ୍ରିନିଟ କଲେଜରେ ଅଧ୍ୟୟନ କରି ଓକିଲାତି ପାଶ ପରେ ବାରିଷ୍ଟର ମଧ୍ୟ ହୋଇଥିଲେ। ଭାରତ ପ୍ରତ୍ୟାବର୍ତ୍ତନ ପରେ ଗାନ୍ଧୀଙ୍କ ନେତୃତ୍ୱରେ ଆଫ୍ରିକାର ଘଟଣାବଳୀ ଓ ଭାରତରେ ସଂଗଠିତ ଘଟଣାବଳୀ ଖବରକାଗଜ ପୃଷ୍ଠାରୁ ପଢି ଓ ଜାଣି ଗାନ୍ଧିଙ୍କ ଅହିଂସା ନୀତି ପ୍ରତି ଆକୃଷ୍ଟ ହୋଇ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ସେ ୧୯୨୯ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ପଦରେ ନିଯୁକ୍ତ ହୋଇ ଘୋଷଣା କରିଥିଲେ କି ପୂର୍ଣ୍ଣ ସ୍ୱରାଜ ହେଉଛି କଂଗ୍ରେସର ମୂଳ ଲକ୍ଷ ଓ ପରବର୍ତ୍ତୀ ସମୟରେ ଜାନୁଆରି ୨୬,୧୯୩୦ତାରିଖକୁ ପୂର୍ଣ୍ଣ ସ୍ୱରାଜ ଦିବସ ରୂପେ ଘୋଷଣା କରାଯାଇଥିଲା। ୧୯୪୭ମସିହା ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନତା ହାସଲ କରିବା ପରେ ତାଙ୍କୁ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ମନୋନୀତ କରାଯାଇଥିଲା। ତାଙ୍କ ଧର୍ମନିରପେକ୍ଷତା ଓ ପଞ୍ଚଶୀଳ ନୀତି ପାଇଁ ସେ ବିଶ୍ୱ ପ୍ରସିଦ୍ଧ। କୃଷି ଓ ଶିକ୍ଷକୁ ପ୍ରାଧାନ୍ୟ ଦେଇ ସେ ଦେଶକୁ ସମୃଦ୍ଧଶାଳୀ କରିବା ସହ ବିବିଧତା ମଧ୍ୟରେ ଏକତାକୁ ଗୁରୁତ୍ୱ ଦେଉଥିଲେ। ସମ୍ବଳ ପାଇଁ ଶିଳ୍ପାୟନ ଜରୁରୀ ବୁଝି ସାମ୍ପ୍ରଦାୟିକତାକୁ ବିରୋଧ କରି ଗୋଷ୍ଠୀ ଆନ୍ଦୋଳନର ମୂଳଦୁଆ ପକାଇ ଭାରତର ଶକ୍ତି ଓ ସାମର୍ଥ୍ୟ ବଢ଼ାଇବା ଦିଗରେ ଅଗ୍ରସର ହେଲା ବେଳେ ସାହିତ୍ୟ, କଳା, ସଂସ୍କୃତି, ଭାଷା, ପତ୍ରକାରିକା, ସିନେମା ଇତ୍ୟାଦି କ୍ଷେତ୍ରରେ ସେ ବୈଜ୍ଞାନିକ ଚିନ୍ତାଧାରା ଏବଂ ଧର୍ମନିରପେକ୍ଷତା ଦୃଷ୍ଟିକୋଣ ରଖିବାକୁ ପ୍ରୋତ୍ସାହିତ କରୁଥିଲେ। ନେହେରୁ ହୋମି ଜାହାଙ୍ଗୀର ଭାବା ଓ ଶାନ୍ତି ସ୍ୱରୂପ ଭଟ୍ଟନାଗରଙ୍କ ଭଳି ବୈଜ୍ଞାନିକମାନଙ୍କ ସହ ମିଶି ଆଧୁନିକ ଭାରତର ବିଜ୍ଞାନ ଓ ପ୍ରଯୁକ୍ତିର ମୂଳଦୁଆ ପକେଇଥିଲେ। ତା ସହ ସେ IIT, CSIR, DRDO ଭଳି ଉଚ୍ଚ ସଂସ୍ଥା ସବୁ ପ୍ରତିଷ୍ଠା କରିଥିଲେ। ଜଣେ ସଫଳ ରାଜନେତା ସହିତ ସେ ଜଣେ କୁଶଳୀ ଲେଖକ ମଧ୍ୟ ଥିଲେ। Discovery of India, Glimpses of World History, An Autobiography ନାମରେ ତିନିଗୋଟି ପୁସ୍ତକ ରଚନା କରିଥିଲେ।ଭାରତକୁ ଦୀର୍ଘ ଅଠର ବର୍ଷ ଶାସନ ସହିତ ତାଙ୍କ ପଞ୍ଚଶୀଳ ନୀତି ତାଙ୍କୁ ଅଦ୍ୱିତୀୟ କରିପାରିଥିଲା। ମହାତ୍ମାଗାନ୍ଧୀଙ୍କ ପରେ ସେ ସର୍ବାଧିକ ଜନପ୍ରିୟ ନେତା ଥିଲେ।

ସେ କହୁଥିଲେ ଜାତିର ଭବିଷ୍ୟତ ନାଗରିକ ଓ କର୍ଣ୍ଣଧାର ଶିଶୁମାନଙ୍କ ପ୍ରତି ଅବହେଳା ଏକ ଅକ୍ଷମଣୀୟ ଜାତୀୟ ଅପରାଧ। ଶୈଶବରୁ ଶିଶୁମାନଙ୍କ ପ୍ରତି ଅବହେଳା ଯେମିତି ଅନୁଚିତ ତାଙ୍କ ସର୍ବାଙ୍ଗୀନ ଉର୍ନ୍ନତି ଓ ବିକାଶ ଦିଗରେ ଧ୍ୟାନ ଦେବା ସେତିକି ଜରୁରୀ ଅଟେ। ଶିଶୁ ଶ୍ରମିକ ହେବା କଥା ଉଚ୍ଛେଦ ସାଧନ କରି ଆସ ଶିଶୁଦିବସର ତାତ୍ପର୍ଯ୍ୟ ରଖି ଶିଶୁ ସୁରକ୍ଷା ଦେଶର ସୁରକ୍ଷା ସ୍ଲୋଗାନ ଦେଇ ନେହେରୁଙ୍କ ଆତ୍ମା ପ୍ରତି ସମ୍ମାନ ଜଣେଇ ଶିଶୁମାନଙ୍କ ସାମଗ୍ରିକ କଲ୍ୟାଣ ସାଧିତ କରିବା ସଙ୍ଗେ ସଙ୍ଗେ ମିଳିତ ଜାତିସଙ୍ଘ, ପିତା ମାତା ଓ ଜନସାଧାରଣମାନେ ଶିଶୁ ସୁରକ୍ଷା ଜାତୀୟ ସୁରକ୍ଷା ରକ୍ଷା ପାଇଁ ଯତ୍ନବାନ ହେବା। ଜୟ ହିନ୍ଦ।


+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭


# ଶିଶୁ ହସିଲେ ଦେଶ ହସିବ

## କୁମୁଦିନୀ ଘି

ଶିଶୁ ହସିଲେ ଦେଶ ହସିବ
କହିଲେ ଚାଚା ହସି
ମୋ ଜନ୍ମ ଦିନେ 'ଶିଶୁ ଦିବସ'
ପାଳିବା ଦେଶବାସୀ।
ସ୍ୱାଧୀନ ଦେଶ ଭାରତର
ସେ ପ୍ରଥମ ପ୍ରଧାନମନ୍ତ୍ରୀ
ତାଙ୍କରି କଥା ଅମୃତ ପରା
ଛୁଇଁଲା ହୃଦ ତନ୍ତ୍ରୀ।
ଚଉଦ ନଭେମ୍ବର
ସକାଳୁ ପିଲାଏ ଉଠିକରି
ବିଦ୍ୟାଳୟକୁ ଶରଧା ମନେ
ଯାଆନ୍ତି ହାତ ଧରି।
ନାଚନ୍ତି ପିଲେ ସାଙ୍ଗଙ୍କ ମେଳେ
ଗୀତର ତାଳେ ତାଳେ
ମିଷ୍ଟାନ୍ନ ଖାଇ, ହସି ହସାଇ
ମାତନ୍ତି ନାନା ଖେଳେ।
ଶିକ୍ଷକମାନେ ବଡ଼ ଯତନେ
ପିଲାଙ୍କୁ ଡାକିହାକି
ଶୁଣାନ୍ତି ଚାଚା ନେହେରୁ କଥା
ଫଟୋରେ ଫୁଲ ରଖି।
ସ୍ୱରୂପ ରାଣୀ ମୋତିଲାଲଙ୍କ
ଅଲିଅଳ ସନ୍ତାନ
କେମ୍ବ୍ରିଜ ବୀର ସେ ଜବାହର
ସାରିଲେ ଅଧ୍ୟୟନ ।
ଲଢିଲେ ବେଶି ଦେଶକୁ ଆସି,
ସ୍ୱାଧୀନ ହେଲା ଦେଶ
ଗଢିଲେ ଦେଶ ଏମିତି ବାଗେ
ଚମକି ଗଲା ବିଶ୍ୱ।
ଚାଚା ନେହେରୁ ଅମୃତ ବାଣୀ
ଆଜି ବି କାନେ ବାଜେ
ଛୋଟ ଛୁଆଙ୍କୁ ବଡ଼ ମଣିଷ
ହେବା ଚିନ୍ତାକୁ ମାଜେ।
'ମୋ ଦେଶ ଶିଶୁ ହସୁରେ ହସୁ
ଦେଶର ଭବିଷ୍ୟତ
ସେଇମାନେ ତ ଗଢିବେ ଦେଶ
ହାତେ ମିଳାଇ ହାତ।
ତାଙ୍କର ହାତ କର ଶକତ,
ମନେ ସଂସ୍କାର ଭର
ତେଜ ବୀର୍ଯ୍ୟରେ ହେଲେ ସଜରେ
ହେବେ ସେ ସୁରବୀର।
ଆମେରେ ମାଳି ସେମାନେ
କଳି ନିଅ ନିଅ ଯତନ
ରସ ବାସରେ ପୁରି ଉଠିବ
ଏ ଦେଶ ଉପବନ।'


+ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ, କଳାହାଣ୍ଡି


# ସୁନେଲି ମାଛ

## ସୁଶ୍ରୀ ସଙ୍ଗୀତା ସେଠୀ



ଦୁର୍ଗାପୂଜା ଛୁଟି ହେଇଥାଏ। ବିଦ୍ୟାଳୟ ସବୁ ଛୁଟି। କୁନୁ ଭାରି ଖୁସି। ଏବେ ସିଏ ମନଖୋଲି ବୁଲିବ, ସାଙ୍ଗଙ୍କ ସହ ଖେଳିବ। ୫ମ ଶ୍ରେଣୀର ଛାତ୍ର ସେ। ପାଠରେ ଏତେ ମନ ନାହିଁ ତାର, କିନ୍ତୁ ବିଚକ୍ଷଣ ବୁଦ୍ଧି। ତାଙ୍କ ଗାଁ ମୁଣ୍ଡରେ ଗୋଟେ ଛୋଟ ପୋଖରୀ ଥାଏ। ସେଇଠି ସବୁ ଛୁଆ ମିଶି ଖେଳନ୍ତି। କୁନୁ ଦିନେ ଖେଳୁ ଖେଳୁ ସମସ୍ତଙ୍କୁ କହିଲା ପୋଖରୀ ଚାରିପଟଟା ଖାଲି ଦିଶୁନି ? ଚାଲ ଗଛ ପୋତିବା ସମସ୍ତେ। ସମସ୍ତଙ୍କ ମନକୁ ପାଇଲା। ଯିଏ ଯାହା ଘରୁ ଯେଉଁ ଗଛ ପାରିଲା ତୁଳସୀ ହେଉ, ଗେଣ୍ଡୁ ହେଉ କି ମନ୍ଦାର ହେଉ ନେଇକି ତାପରଦିନ ହାଜର। ସଭିଏଁ ମିଶି ଗଛ ପୋତିଲେ ଆଉ ପୋଖରୀରୁ ପାଣି ସଢ଼େଇରେ ଆଣି ଦେଲେ। ତାଙ୍କର ଏଇସବୁ କାମ ଗୋଟେ ସୁନେଲି ମାଛ ପୋଖରୀରୁ ଦେଖୁଥିଲା। ଦିନେ କୁନୁ ପୋଖରୀ କୂଳରେ ଏକୁଟିଆ ବସିଥାଏ। ସୁନେଲି ମାଛଟି ତାକୁ ଡାକିଲା । ଶୁଣ, ମୋ କଥା ଶୁଣ ? କୁନୁ ଚମକି ପଡ଼ିଲା। ଚାରିଆଡ଼େ ଚାହିଁଲା କେହି ତ ନାହାନ୍ତି। ମତେ କିଏ ଡାକୁଛି ! ମାଛଟି କହିଲା ମୁଁ ଡାକୁଛି। ମୁଁ ସୁନେଲି ମାଛ। ମାଛ କଣ କଥା କୁହେ ? କୁନୁ ଡରିଗଲା। ସେ ଭାବିଲା ଇଏ ଗପରେ ପଢିଥିବା ରାକ୍ଷସ ନୁହେଁ ତ। ସେ ସେଠାରୁ ଧାଇଁ ପଳେଇଲା। ତାପରଦିନ ପୁଣି ସେ ଗଲା ଆଉଥରେ ସମସ୍ତେ ଆସିବା ପୂର୍ବରୁ। କେହି ନଥିଲେ ପୁଣି ସୁନେଲି ମାଛ ଡାକିଲା। କହିଲା ଡର ନାହିଁ। ମୋ ପାଖକୁ ଆସ। ମୋ ସାଙ୍ଗ ହୁଅ। କୁନୁ ଡରି ଡରି କହିଲା, ମାଛ କଣ କଥା କୁହେ ? ସୁନେଲି ମାଛ କହିଲା ମୁଁ ଏମିତି ସେମିତି ମାଛ ନୁହେଁ। ମୁଁ କୁହୁକ ମାଛ। କୁନୁ ଆଶ୍ଚର୍ଯ୍ୟ ହେଇ କହିଲା ସତରେ ? ତମେ ଏଠିକି କେମିତି ଆସିଲ ? ସୁନେଲି ମାଛ କହିଲା ବର୍ଷା ଦିନେ ନଇବଢ଼ି ବେଳେ ଆସିଗଲି। ସେବେଠୁ ଏଇଠି ଅଛି ମୁଁ। ସାଙ୍ଗ ଖୋଜୁଛି ମୁଁ ହେଲେ ପାଉନାହିଁ। ତମେ ମୋ ସାଙ୍ଗ ହେବ ? କୁନୁ ଏବେ ଖୁସିରେ କହିଲା ହଁ ! ମାଛ କହିଲା, ଏକଥା ଆଉ କାହାକୁ କହିବ ନାହିଁ। ତମେ ଆସି ମତେ ଡାକିଲେ ମୁଁ ଆସିବି। ଆମେ ଗପିବା। କୁନୁ ଭାରି ଖୁସି ତାକୁ ନୂଆ ସାଙ୍ଗ ମିଳିଛି। ସେ ସବୁଦିନ ଆସେ ଆଉ ମାଛ ପାଇଁ କିଛି ନା କିଛି ଖାଇବା ଧରି ଆସେ। ଦୁହେଁ ଖୁବ୍ ଗପନ୍ତି ଆଉ ହସନ୍ତି। ମାଛ ପୋଖରୀ ଭିତରୁ ଗୋଟେ ଗୋଟେ ରୂପା ପଇସା ଦିଏ। କୁନୁ ତାକୁ ଆଣି ରଖେ ପାଖରେ। ଏମିତି ୩-୪ ମାସ ବିତିଗଲା। ଥରେ କୁନୁର ଗୋଟେ ସାଙ୍ଗ ଲୁଚି ଲୁଚି ଦେଖିଲା କୁନୁ କାହା ସହ ଗପୁଛି। ସେ କୂଟ ଚକ୍ରାନ୍ତ କଲା। ସେ କୁନୁକୁ ଫୁସୁଲେଇ ସୁନେଲି ମାଛ କଥା ପଚାରିଲା। କୁନୁ କିନ୍ତୁ କହିଲାନି। ତା ସାଙ୍ଗ କହିଲା ମୁଁ ସବୁ ଜାଣିଛି ମୁଁ ସମସ୍ତଙ୍କୁ କହିଦେବି ଏକଥା। ଗାଁ ଲୋକ ସେ ମାଛକୁ ଧରି ମାରିଦେବେ। କୁନୁ ଡରିଗଲା। କହିଲା ନା ଏମିତି କରନା। କଣ ପାଇଁ ତା ସାଙ୍ଗରେ ଲାଗୁଛୁ ? ତା ସାଙ୍ଗ କହିଲା ତାହେଲେ ତୁ ତାକୁ ଡ଼ାକ ଏବେ ଆଉ ମତେ ସୁନା ପଇସା ଦେବାକୁ କହ। କୁନୁ ବାଧ ହେଇ ମାଛକୁ ଡାକିଲା। ହେଲେ ମାଛ ଆସିଲାନି। ମାଛ ପାଣି ଭିତରୁ କହିଲା। କୁନୁ ସଙ୍ଗାତ ତୁମେ ସିନା ଭଲପିଲା ଆଉ ସରଳ ବୋଲି ତମକୁ ମୁଁ ଦେଖାଦିଏ। କିନ୍ତୁ ତୁମ ସାଙ୍ଗ ଭଲ ନୁହେଁ ଦୁଷ୍ଟ। ତେଣୁ ତାଙ୍କୁ ଦେଖାଦେବିନି। ତାପରେ ଆର ପିଲାଟି ରାଗରେ ସମସ୍ତଙ୍କୁ ଯାଇ ସୁନେଲି ମାଛ କଥା ଆଉ ରୂପା ଟଙ୍କା କଥା କହିଦେଲା। ଲୋକେ ତା କଥା ବିଶ୍ୱାସ କରି ପୋଖରୀ ପାଣି ଶୁଖେଇ ଦେଲେ। କିନ୍ତୁ ସୁନେଲି ମାଛକୁ ପାଇଲେ ନାହିଁ। ସୁନେଲି ମାଛ କେଉଁଆଡେ ଉଭେଇ ଯାଇଥିଲା ଏହା କହି ମୁଁ କେବଳ କୁନୁକୁ ଦେଖାଦିଏ ଆଉ କାହାକୁ ନୁହେଁ। କୁନୁ ବହୁତ୍ କାନ୍ଦିଲା। ଆଉ ମାଛ ଦେଇଥିବା ରୂପା ଟଙ୍କା ତା ବାପାଙ୍କୁ ଦେଲା। ତା ବାପା ସେଇ ଟଙ୍କାକୁ ନେଇ ଗାଁ ସରପଞ୍ଚଙ୍କୁ ଦେଲେ। ଆଉ ସେଇ ପଇସାରେ ପୋଖରୀ ଚାରିପଟେ ପାଚେରୀ ଆଉ ବାଡ଼ ଦିଆଗଲା। ସୁନେଲି ମାଛ ନାଁରେ ସେ ପୋଖରୀ ନାମ ସୁନେଲି ମାଛକୁଣ୍ଡ ରଖାଗଲା। କୁନୁ ସହ ସୁନେଲି ମାଛର ସମ୍ପର୍କ କଥା ଚାରିଆଡ଼େ ବ୍ୟାପିଗଲା। ସମସ୍ତେ ତାର ସରଳତାର ପ୍ରଶଂସା କରୁଥିଲେ।


+ ଯାଜପୁର


# ଠକିବାର ଫଳ

## ସତ୍ୟନାରାୟଣ ପ୍ରଧାନ




କୁନି ପିଲାଟି ଘରେ କେହି ନ ଥିବାରୁ ବଜାରକୁ ଗୋଟେ ଦରକାରୀ ସଉଦା କିଣିବା ପାଇଁ ଦୋକାନରେ ପହଞ୍ଚ ଗଲା । ସେ ଛୋଟ ପିଲା ହୋଇଥିବାରୁ ଦୋକାନୀ ପିଲାଟିକୁ ତାର ଦାମ ଠାରୁ ଅଧିକ ଟଙ୍କା ରଖି ବାକି ଟଙ୍କା ଫେରାଇ ଦେଲା । ଦୋକାନୀ ଏପରି ଦିନରେ ଚାରି ଛଅ ଜଣକୁ ଭୁଆଁ ବୁଲାଇ ଦେଲେ କିଛି କ୍ଷତି ନାହିଁ ମନରେ ଚିନ୍ତା କଲା। ଦିନକୁ ଦିନ ତାର ଲୋକମାନଙ୍କୁ ଠକିବା ବେଶି ମାତ୍ରାରେ ବଢିଗଲା । ଆବଶ୍ୟକ ଜିନିଷ ଯାହା ଖୋଜିଲେ ମିଳି ଯାଉଥିବାରୁ ଲୋକମାନେ ବାଧ ହୋଇ ଇଚ୍ଛା ନ ଥିଲେ ବି କିଣିବାକୁ ଯାଅନ୍ତି ।

ଦିନେ ବାହାରୁ ଆସିଥିବା ଲୋକଟିଏ ବଜାରକୁ ଲାଗିଥିବା ଗାଁ ପାଖରେ ତାର ବନ୍ଧୁ ଘର ଥିବାରୁ ସେଇ ଦୋକାନରୁ ବିସ୍କୁଟ ତଥା ଆଉ ଅନ୍ୟ ଜିନିଷ କିଣିବା ପାଇଁ ଯାଇଥିଲା । ସେ ଲୋକଟି ଗୋଟିଏ ଜିନିଷ କିଣିବା ପରେ ତାର ପୁଣି ଆଉ ଗୋଟେ ଜିନିଷ କିଣିବାକୁ ମନେ ପଡ଼ିଗଲା । ଦୋକାନରେ ଗରାଖ ବେଶି ଥିବାରୁ ସେ ଲୋକଟି ଜିନିଷ କିଣିବା ପରେ ତାକୁ ବାକି ଟଙ୍କା ଫେରାଇବା ସମୟରେ ଶହେକୁ ପାଞ୍ଚଶହ ଭାବି ଅଧିକ ଟଙ୍କା ଦେଇଥିବା କଥା ସନ୍ଧ୍ୟାକୁ ଯାଇ ତାର ମନେ ପଡିଲା ।

ଆଗରୁ ସେ ଲୋକଟିକୁ ଜାଣି ନ ଥିବାରୁ ଟଙ୍କା ଫେରି ପାଇବା ଭାରି କଷ୍ଟ ବୋଲି ଜାଣି ପାରିଲା । ଜୀବନରେ ଅନ୍ୟମାନଙ୍କୁ ଜାଣି ଶୁଣି ଉଚିତ ଦାମଠାରୁ ଅଧିକ ଟଙ୍କା ଠକୁଥିବାରୁ ତାର ଫଳ ଏପରି ଭୋଗିବାକୁ ପଡିଲା ବୋଲି ହୃଦୟଙ୍ଗମ କରୁଥିଲା । ସେ ସେଇଦିନ ଠାରୁ ଶପଥ କଲା ଆଉ କାହାକୁ କେବେ ଟଙ୍କା ଲୋଭରେ ଠକିବ ନାହିଁ କି ଇଶ୍ୱରଙ୍କ ନିକଟରେ ଦୋଷୀ ପାଲଟିବ ନାହିଁ।


ସା /ପୋ - ଅଣ୍ଟିଆ
ଜିଲ୍ଲା - ଯାଜପୁର
ମୋ -୯୧୭୮୩୧୩୬୪


# ନିଦ ମାଉସୀ

## ମମତା ବଗର୍ତ୍ତୀ



ନିଦ ମାଉସୀ ଲୋ ନିଦ ମାଉସୀ,
ମୋ କୁନି ଝିଅକୁ ଟିକେ ଦେ ଆଉଁସି ।

ସ୍କୁଲ୍ ଯାଉଛି ସକାଳୁ ସଅଳ ଉଠି,
ଖାଇକି ଯାଉଛି ସେ କ୍ଷୀରକୁ ରୁଟି ।

ସ୍କୁଲ୍‌ରୁ ଫେରି ହୋଇ ଯାଉଛି କ୍ଲାନ୍ତ,
ଗାଧୋଇ ପାଧୋଇ ପୁଣି ଖାଉଛି ଭାତ ।

ଦିନବେଳେ ଟିକେ ଶୋଇ ଉଠି ପଡେ ଶୀଘ୍ର,
ଉଠି ପୁଣି ଝିଅ ଖାଇଥାଏ ବିସ୍କୁଟ୍‌କୁ କ୍ଷୀର ।

ସନ୍ଧ୍ୟାରେ ଟିଉସନ୍,
ଖେଳିବାକୁ ମିଳୁନାହିଁ ସମୟ,
ଘରକୁ ଫେରି ଖାଇ ପିଇ
ପୁଣି କରେ ଗୃହକାର୍ଯ୍ୟ ।

ବାପା ମାଁଙ୍କ ସହ ବିତାଏ
କିଛି ସମୟ ସ୍ନେହ ହାସ୍ୟର,
ଆଉଁସି ଦେ ଲୋ ନିଦ ମାଉସୀ
କୁନି ଝିଅକୁ ମୋର ।


+ରାଣୀକଟା,ବଲାଙ୍ଗୀର




# ସମୟ ଦେବି

## କୀର୍ତ୍ତନ ସାହୁ



ସମୟ ଦେବି ମୁଁ ଛବି ଆଙ୍କିବାକୁ
ଫୁଲ ଫଳ ପଶୁ ପକ୍ଷୀ
ମହାପୁରୁଷଙ୍କ ଛବି ମୁଁ ଆଙ୍କିବି
ଭାଗ ମାପ ଠିକ ରଖି ।

ଗୀତ ଗାଇବାକୁ ଭାରି ମୋ ଆଗ୍ରହ
ସେଥିରେ ସମୟ ଦେବି
ଭଲ ଗୀତ ଗାଇ ଶ୍ରେଣୀରେ ଆମର
ପ୍ରଶଂସା ସାଉଁଟି ନେବି ।

ସମୟ ଦେବି ମୁଁ ସ୍କୁଲ ବଗିଚାରେ
ଗଛ ଲଗାଇବା ପାଇଁ
ଗଛ ପାଇଁ ଆମେ ଜୀଇଁ ରହିଛନ୍ତି
ସଭିଙ୍କୁ କହିବି ଯାଇ ।

ସମୟ ଦେବି ମୁଁ ଖେଳ ଖେଳିବାକୁ
ଯାହା ଆମ ପାଇଁ ଖେଳ
ଖେଳିଲେ ସିନାରେ ସୁସ୍ଥ ରହିବା
ଏହାହିଁ ପ୍ରକୃତ ବେଳ ।

ସବୁରି ଭିତରେ ପାଠ ପଢିବାକୁ
ସମୟ ନିଶ୍ଚୟ ଦେବି
ପାଠ ପଢି ଭଲ ମଣିଷ ହୋଇବି
ଦୁଃଖୀ ଦରିଦ୍ରଙ୍କୁ ସେବି ।


+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ନିମାପଡାରେ ଏକତା ପଦଯାତ୍ରା ଅନୁଷ୍ଠିତ

ପୁରୀ,୧୪/୧୧ (ନି.ପ୍ର): ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ରାଷ୍ଟ୍ର ଭକ୍ତି ଅନନ୍ୟ। ଏକତାର ପ୍ରତୀକ ଥିଲେ ଲୌହ ମାନବ।ଏକ ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି ଅନୁଭବ କରି ସେ ୫୬୦ରୁ ଊର୍ଦ୍ଧ୍ୱ ରାଜରାଜୁଡା ଶାସନତନ୍ତ୍ରକୁ ଭାରତ ବର୍ଷରେ ସାମିଲ କରିଥିଲେ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଆଜି ପୂର୍ବାହ୍ନରେ ଜଗତସିଂହପୁର ଲୋକସଭା ସାଂସଦ କ୍ଷେତ୍ର ଅନ୍ତର୍ଗତ ନିମାପଡାର କାଜିପାଟଣା ଠାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।କ୍ରୀଡା ବିଭାଗ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏହାକୁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା, ଜଗତସିଂହପୁର ଲୋକସଭା ସାଂସଦ ବିଭୂ ପ୍ରସାଦ ତରାଇ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ ପ୍ରମୁଖ ଉଦଘାଟନ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ଏକମକୋଣା, ଶ୍ରୀମୁଖ, ନାଗବସ୍ତ, ରଟିଲୋ, ତଳ ଅଣ୍ଡିଆ, ଜୟଶ୍ରୀ ଛକ, ଜୟଗୁରୁ ଛକ ହୋଇ ନିମାପଡା ବାରବାଟୀ ପଡିଆ ଠାରେ ପହଂଚି ଥିଲା। ବାରବାଟୀ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପରିଡା ମହାତ୍ମାଗାନ୍ଧୀ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ବଲ୍ଲଭ ଭାଇ କୃଷକ ମାନଙ୍କ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇ ସର୍ଦ୍ଦାର ପଦବାଚ୍ୟ ହୋଇଥିଲେ। ସର୍ଦ୍ଦାରଙ୍କ ବୀରତ୍ୱ, ଦେଶପ୍ରେମ ଓ ସାହସକୁ ସମ୍ମାନ ଜଣାଇ ବଲ୍ଲଭ ଭାଇଙ୍କୁ ଆଦର୍ଶ ମାନୁ ଥିବା ପ୍ରଧାନମନ୍ତ୍ରୀ ମୋଦି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ ଯେଉଁଥିରେ ଦେଶର ପ୍ରତିଟି ଘରୁ ସଂଗୃହିତ ଲୁହା ବ୍ୟବହୃତ ହୋଇଥିଲା। ପ୍ରଧାନମନ୍ତ୍ରୀ ୪ଟି ବର୍ଗ ଯଥା ଗରିବ, ଯୁବ ବର୍ଗ, କୃଷକ ଓ ନାରୀ ଶକ୍ତିର ବିକାଶ ପାଇଁ ବଦ୍ଧ ପରିକର ବୋଲି କହିବା ସହ ଏମାନଙ୍କୁ ଏକଜୁଟ କରି ୨୦୩୬ କୁ ବିକଶିତ ଓଡିଶା ଓ ୨୦୪୭ କୁ ବିକଶିତ ଏବଂ ଆତ୍ମନିର୍ଭର ଭାରତ ଗଠନ ପାଇଁ ଆଗେଇ ଆସିବାକୁ ଉପ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ବିଶିଷ୍ଟ ଅତିଥି ଭାବେ ଜଗତସିଂହପୁର ସାଂସଦ ଶ୍ରୀ ତରାଇ ଏକତାର ପ୍ରତୀକ ସର୍ଦ୍ଦାର ପଟେଲଙ୍କ ଗୁଜୁରାଟରେ ପ୍ରତିଷ୍ଠିତ ମୂର୍ତ୍ତି ବିଶ୍ୱର ସର୍ବୋଚ୍ଚ ଅଟେ ବୋଲି କହିଥିଲେ। ବିପର୍ଯ୍ୟୟ, ବିପଦ ସମୟରେ ଏକଜୁଟ ହେବା ଭଳି ଖୁସି ଆନନ୍ଦ ସମୟରେ, ରାଷ୍ଟ୍ର ଗଠନ ସମୟରେ ଏକାଠି ହେବାର ଆବଶ୍ୟକତା ରହିଛି । ଲୌହ ମାନବଙ୍କ ୭୫ ବର୍ଷର ଜୀବନ ଆମକୁ ଆଦର୍ଶ, ଉନ୍ନତ ରାଷ୍ଟ୍ର ନିର୍ମାଣର ପ୍ରେରଣା ଦିଏ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନିମାପଡା ଏନଏସି ଅଧ୍ୟକ୍ଷ ସସ୍ମିତା ସାହୁ, ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଜୀବନୀ, କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିବା ସହ ଏକତା ପଦଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ନିମାପଡା ବିଡିଓ ଡଃ. ଅଭିଜିତ ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିବା ସହ ସମସ୍ତଙ୍କୁ ଏକତା ଶପଥ ପାଠ କରାଇଥିଲେ। ପୂର୍ବରୁ ଅତିଥି ମାନେ ସର୍ଦ୍ଦାର ପଟେଲଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହି ଅବସରରେ ବନ୍ଦେ ମାତରମ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନିମାପଡା ଏନଏସିର ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ କଳାକାର ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପରେ ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅତିଥି ମାନେ ୬ ଗୋଟି ଡେସ୍କ ଟପ ଓ ୨ଟି ପ୍ରିଣ୍ଟର ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ କାଜିପାଟଣା ଠାରେ ଓ ବାରବାଟି ପଡିଆ ଠାରେ ଏକ ପେଡ ମା କେ ନାମ ଆଧାରରେ ଅତିଥି ମାନେ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା କର୍ମଶାଳା

କେନ୍ଦ୍ରାପଡା, ୧୩ ନଭେମ୍ବର (ହି.ସ.): ବେଟୀବଚାଓ, ବେଟୀ ପଢାଅ ଯୋଜନା ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଆର୍ଥିକ ସାକ୍ଷରତା, ଅର୍ଥନୈତିକ ଅଧିକାର ଏବଂ ସାମାଜିକ, ରାଜନୈତିକ ଅଧିକାର ସଂପର୍କରେ କର୍ମଶାଳା ଡିଏସ୍ଡବ୍ଲ୍ୟୁସୁଷମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱୟଂଶାସିତ ମହା ବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା, ସିଡବ୍ଲୁସି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଅର୍ଥନୀତି ବିଭାଗର ଅଧ୍ୟାପକ ଦିପ୍ତୀ ରାୟ, ରାଜନୀତି ବିଜ୍ଞାନର ଅଧ୍ୟାପିକା ଆସିଆ ଅଞ୍ଜୁମ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଆୟୋଜିତ ଏହିକାର୍ଯ୍ୟକ୍ରମରେ କିଶୋର, କିଶୋରୀ, କଲେଜ୍ର ଛାତ୍ର /ଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା, ଆଶାକର୍ମୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡୀ କର୍ମୀ ଜିଲ୍ଲାର ସମସ୍ତ ସୁପର ଭାଇଜର, ସିଡିପିଓ, ପୋଗ୍ରାମ ଅଫିସର୍ କର୍ମକର୍ତା ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସର୍ଗୀଫୁଲରେ ଟିକିଲିପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ସଫଳତା

ସମ୍ବଲପୁର, ୧୩ ନଭେମ୍ବର (ହି.ସ.) ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଟିକିଲିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଚଳିତ ବର୍ଷ ସମ୍ବଲପୁର ଜିଲ୍ଲା ମଙ୍ଗଳ ବିଭାଗ ତରଫରୁ ଆୟୋଜିତ ଜିଲ୍ଲା ସ୍ତରୀୟ ସର୍ଗୀଫୁଲ କାର୍ଯ୍ୟକ୍ରମରେ ବିପୁଳ ସଫଳତା ହାସଲ କରିଛନ୍ତି। ଛାତ୍ର ଛାତ୍ରୀଙ୍କ ସଫଳତା ଯୋଗୁଁ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନେ ଭାଗ ନେଇଥିବା ବେଳେ ଟିକିଲିପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ତର୍କ, ଏକକ ଅଭିନୟ , ଅଭିବ୍ୟକ୍ତି, ବିଜ୍ଞାନ ପ୍ରଦର୍ଶନୀ, ଭଲିବଲ୍, ଏକକ ନୃତ୍ୟ , ସ୍ଲୋଗାନ ଲିଖନ, କୁଇଜ୍ ପ୍ରତିଯୋଗିତାରେ ନିଜର ପ୍ରତିଭା ଦେଖାଇ ପୁରସ୍କୃତ ହୋଇଛନ୍ତି। ତର୍କ,କୁଇଜ୍, ଏକକ ଅଭିନୟ ଓ ଅଭିବ୍ୟକ୍ତି ରେ ପୁରସ୍କୃତ ହୋଇଥିବା ଛାତ୍ରୀମାନେ ଆଗାମୀଦିନରେ ରାଜ୍ୟ ସ୍ତରରେ ହେବାକୁ ଥିବା ସର୍ଗ ଫୁଲ କାର୍ଯ୍ୟକ୍ରମରେ ଭାଗନେବେ ଏବଂ, ବିଜ୍ଞାନ ପ୍ରକଳ୍ପ ଓ ଭଲିବଲ୍ ରେ ପୁରସ୍କୃତ ଛାତ୍ରୀମାନେ ଜୋନାଲ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତା ରେ ଭାଗନେବା ପାଇଁ ଚୟନ କରାଯାଇଛି। ଛାତ୍ର ଛାତ୍ରୀଙ୍କ ସଫଳତା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବାସନ୍ତୀ ବେହେରା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀଙ୍କ ଦୃଢ ମନୋବଳ ପାଇଁ ଛାତ୍ର ଛାତ୍ରୀ ମାନେ କୃତିତ୍ୱ ହାସଲ କରିଛନ୍ତି ଏବଂ ବିଦ୍ୟାଳୟପକ୍ଷରୁ ଆଗକୁ ମଧ୍ୟ ଏଭଳି ପ୍ରତିଭା ଜାରିରହିବ ବୋଲି କହିଥିଲେ।

# କନ୍ଧମାଳରେ ଖସୁଛି ପାରଦ ବଢୁଛି ଶୀତ: ଜାଡରେ ଥରିଲା ସମଗ୍ର ଜିଲ୍ଲା

କନ୍ଧମାଳ,୧୪/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଚଳିତ ବର୍ଷ ଶୀତର ପ୍ରକୋପ ଅଧିକ ରହିବା ନେଇ ପୂର୍ବାନୁମାନ ଥିବାବେଳେ ଏହା ବାସ୍ତବରେ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାରେ। ଲଘୁଚାପର ପ୍ରଭାବ ଯୋଗୁଁ କିଛି ଦିନ ବିଳମ୍ବରେ ଶୀତର ପ୍ରଭାବ ଅନୁଭୂତ ହୋଇଥିଲେ ହେଁ ଏକ ସପ୍ତାହ ମଧ୍ୟରେ ଜିଲ୍ଲାରେ ଦୃତ ଗତିରେ ତଳକୁ ଖସିଛି ତାପମାତ୍ରା । ଗତ ଶୁକ୍ରବାର ଠାରୁ ଜିଲ୍ଲାର ଦାରିଙ୍ଗବାଡ଼ିର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ ଓ ଫୁଲବାଣୀର ୧୪ ଡିଗ୍ରୀ ରହିଥିବା ନେଇ ସୂଚନା ଦେଇଥିଲା ପାଣିପାଗ ବିଭାଗ। ଏହା ଦୃତ ଗତିରେ ତଳକୁ ଖସି ଗତକାଲି ଦାରିଙ୍ଗବାଡ଼ିର ତାପମାତ୍ରା ୮.୫ ଡିଗ୍ରୀ ରହିଥିଲା ବେଳେ ଆଜି ଆଉ ୧ ଡିଗ୍ରୀ ହ୍ରାସ ପାଇ ଗୁରବାର ଦାରିଙ୍ଗବାଡ଼ିରେ ୭.୫ ଡିଗ୍ରୀକୁ ଖସି ଆସିଛି। ଯାହାକି ରାଜ୍ୟର ସର୍ବନିମ୍ନ ତାପମାତ୍ରା ବୋଲି ଜଣାପଡିଛି। ସେହିପରି ଜିଲ୍ଲାର ଘୁ. ଉଦୟଗିରିରେ ୭.୬ ଡିଗ୍ରୀ ଓ ଫୁଲବାଣୀରେ ୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଛି। ଗତ ୬ ତାରିଖରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୫ ଡିଗ୍ରୀ ରହିଥିବା ବେଳେ ଗତ ୬ ଦିନ ମଧ୍ୟରେ ଦାରିଙ୍ଗବାଡ଼ିର ତାପମାତ୍ରା ୭.୫ ଡିଗ୍ରୀକୁ ଖସି ଆସିଛି । ଏହାର ପରିଣାମ ସ୍ୱରୂପ ରାଜ୍ୟର କାଶ୍ମୀର ଭାବରେ ପରିଚିତ ଦାରିଙ୍ଗବାଡ଼ି ସମେତ ଫୁଲବାଣୀ, ଘୁ. ଉଦୟଗିରି ତଥା ଜିଲ୍ଲାର ଆଭ୍ୟନ୍ତରୀଣ ଅଂଚଳ ଗୁଡିକରେ ଭୀଷଣ ଶୀତ ଅନୁଭୂତ ହେଉଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଲଗାଇ ଏହା ପାଖରେ ବସୁଥିବା ଦେଖିବାକୁ ମିଳିଛି । ଆଭ୍ୟନ୍ତରୀଣ ଅଂଚଳରେ ଶୀତର ପ୍ରକୋପ ବୃଦ୍ଧି ସହିତ ପ୍ରବଳ ଜାଡ଼ ଅନୁଭୂତ ହେଉଛି। ଦିନକୁ ଦିନ ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଜାଡ଼ ଯୋଗୁଁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳ ୧୦ଟା ପରେ ଲୋକେ ଘରୁ ବାହାରକୁ ବାହାରୁଛନ୍ତି। ଅନ୍ୟପକ୍ଷରେ ଶୀତର ମଜା ନେବା ପାଇଁ ଯୁବ ପିଢ଼ି ଓ ମହିଳା ମାନେ ପ୍ରାତଃ ଭ୍ରମଣ ଓ ବ୍ୟାୟାମ କରୁଥିବା ଦେଖିବାକୁ ମିଳୁଛି। ହେଲେ ଗରିବ ନିରାଶ୍ରୟ ଲୋକେ ବାସହୀନ ଓ ଶୀତବସ୍ତ୍ର ଅଭାବରେ ହଇରାଣ ହରକତ ହେଉଥିବା ଜଣାପଡ଼ିଛି।

## ବ୍ୟବସାୟୀଙ୍କ ପାଇଁ ବାହାରିଲେ ସମାଜସେବୀ: ଦୁଃଖ ଶୁଣିଲାନି ପୌରପରିଷଦ

ମାଲକାନଗିରି,୧୪/୧୧ (ନି.ପ୍ର): ମାଲକାନଗିରି ପୌର ପରିଷଦରେ ୨୨ ବର୍ଷତଳେ ଦୈନିକ ପରିବା ବିକ୍ରି ନିମନ୍ତେ କେତେକ ପିଣ୍ଡି ତିଆରି ହୋଇ ବ୍ୟବସାୟୀଙ୍କୁ ଦିଆଯାଇଥିଲା। ଆଜି ତାହାର ଶୋଚନିୟ ଅବସ୍ଥାରେ ଦେଖିବା ପାଇଁ ମିଳୁଛି।ବ୍ୟବସାୟିମାନେ କେଉଁଠି ପିଣ୍ଡିଉପରେ ପାଲଟାଣି ବସିଛନ୍ତି ତ ଆଉ କେଉଁପିଣ୍ଡିରୁ ବର୍ଷାପାଣି ଗଳିଲାଣି। କେତେ ବେଳେ ସଫେଇ ନାଳ ରୁ ପାଣି ବି ଆସି ପରିବେଶ କୁ ନଷ୍ଟ କରିବା ଦୃଶ୍ୟ ବି ସାମ୍ନାକୁ ଆସିଛି।

ତାହା ସହ କେଉଁ ପିଣ୍ଡି ଛାତରୁ ସିମେଂଟ ଅତଡା ଖସିଲାଣି କେତେବେଳେ କେଉଁ ପ୍ରକାର ଅଘଟଣ ଘଟିବ ବ୍ୟବସାୟୀ ବର୍ତ୍ତମାନ ଚିନ୍ତାରେ ବସିଛନ୍ତି। ଖାଉଟିମାନେ ମଧ୍ୟ ପରିବା କିଣିବାବେଳେ ସତର୍କ ଅବଲମ୍ବନ କରିବାର ଦେଖିବାକୁ ମିଳିଛି। ଏବିଷୟରେ ଅନେକଥର ପୌରପାଳିକା କୁ ବାରମ୍ବାର ଅବଗତ କରାଯାଇଥିଲେମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନ ଥିବା ଦେଖିବାକୁ ମିଳିଛି। ତେଣୁ ଏହାକୁ ଦୃଷ୍ଟିଆଗରେ ରଖି କିପରି ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ଭଲରେ କରିପାରିବେ ଓ ଖାଉଟିମାନେ ଉତ୍ତମ ପନିପରିବା କିଣିପାରିବେ ଏନେଇ ଆଜି ଦୈନିକ ପରିବା ବ୍ୟବସାୟୀ, ବରିଷ୍ଠ ନାଗରିକ ସମିତି ଓ ମାଲକାନଗିରି ଚାମ୍ବରଅଫ୍ କମର୍ଶ୍ ରସଦସ୍ୟମାନେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି।

# ବକ୍ତାରପୁର ନୋଡାଲ ୟୁପି ସ୍କୁଲ ଶିକ୍ଷକ ବଦଳି ପ୍ରତିବାଦରେ ଧାରଣା

ପଟ୍ଟାମୁଣ୍ଡାଇ,୧୪/୧୧ (ନି.ପ୍ର): ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ବକ୍ତାରପୁର ନୋଡାଲ ଉ. ପ୍ରା. ସ୍କୁଲର ଶିକ୍ଷକ ବଦଳି ପ୍ରତିବାଦରେ ଆଜି ସ୍କୁଲ ସମ୍ମୁଖରେ ଛାତ୍ର ଅଭିଭାବକ ଓ ସ୍କୁଲ କମିଟି ସଦସ୍ୟମାନେ ଧାରଣା ଦେଇଥିଲେ ଓ ଏଥି ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଓ ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ପୌରାଚଂଳ ଅନ୍ତର୍ଗତ ବକ୍ତାରପୁର ନୋଡାଲ ୟୁ ପି ସ୍କୁଲ ଏକ ଖ୍ୟାତନାମା ସ୍କୁଲ ଭାବେ ସ୍ଥାନୀୟ ଅଂଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଓ ଏହି ସ୍କୁଲରେ ଶିଶୁବାଟିକା ଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀ ରହିଛି ଓ ୮ଟି ଶ୍ରେଣୀରେ ପ୍ରାୟ ୨୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତିଓ ପିଲାମାନଙ୍କୁ ପଢାଇବା ପାଇଁ ଛାତ୍ରଛାତ୍ରୀ ଆନୁପାତିକ ହାରରେ ୭ ଜଣ ଶିକ୍ଷକ /ଶିକ୍ଷୟିତ୍ରୀ ଓ ଜଣେ ସାମୟିକ କଳା ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଉତମ ଶିକ୍ଷାଦାନ ସହିତ ବିଭିନ୍ନ କ୍ଷେତ୍ରରେ ଗୌରବ ଆଣିଥିବା ଏହି ସ୍କୁଲର ଜନୈକା ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଛି ଓ ଯାହାଫଳରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି ଓ ଏପରିକି ପିଲାମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଭବିଷ୍ୟତ ଅନିଶ୍ଚିତ ହୋଇପଡିବ ବୋଲି ଅଭିଭାବକ ଅଭିଭାବିକା ଓ ସ୍କୁଲ କମିଟି ସଦସ୍ୟ ମାନେ ଅଭିଯୋଗ କରିଛନ୍ତି । ଶିକ୍ଷୟତ୍ରୀଙ୍କ ବଦଳି ପ୍ରତିବାଦରେ ଆଜି ସ୍କୁଲ ପରିଚାଳନା କମିଟି ସଭାପତି ଜଗବନ୍ଧୁ ନାୟକ, କାଉନସିଲର ଝରଣା ବେହେରା, ଉପେନ୍ଦ୍ର ମିଶ୍ର, ବୁଢା ଜେନା, ଶଶିକାନ୍ତ ପଣ୍ଡା, ଅଲେଖ ଜେନା, ସୁଶାନ୍ତ ଜେନା, ସନ୍ତୋଷ ଜେନା, ରଞ୍ଜନ ଜେନା, ସୁବାଷ ଜେନା, ମୁକୁନା ଜେନା, ରାଜକିଶୋର ଜେନା, ଶ୍ରୀମତୀ ଜେନା, କଣ୍ଢେଇ ଜେନା, ପୁଷ୍ପା ଜେନାବୁଲି ଜେନା ପ୍ରମୁଖ ଛାତ୍ର ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ମାନେ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ସ୍ଥିତିର ଗମ୍ଭୀରତା ଉପଲବ୍ଧି କରି ଯେପର୍ଯ୍ୟନ୍ତ ବଦଳି ଆଦେଶ ବାତିଲ୍ ନକରିଛନ୍ତି ସେପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଛାତ୍ର ଅଭିଭାବକମାନେ ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ ବକ୍ତାରପୁର ନୋଡାଲ ୟୁ ପି ସ୍କୁଲରେ ଶିକ୍ଷୟତ୍ରୀ ବଦଳି ପ୍ରତିବାଦରେ ସ୍କୁଲ ସମ୍ମୁଖରେ ଧାରଣା ଦିଆଯାଇଥିବା ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ ଖବର ପାଇବା ପରେ ବକ୍ତାରପୁର କ୍ଲଷ୍ଟର ସିଆରସିସି ସଂଘମିତ୍ରା ନାୟକଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ ଓ ସିଆରସିସି ଶ୍ରୀମତୀ ନାୟକ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀଙ୍କୁ ସମସ୍ତ ବିଷୟରେ ଅବଗତ କରାଇଛନ୍ତି ଓ ସେ ସ୍କୁଲ ଓ ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ଆମ୍ ଆଦମୀ ପାର୍ଟିର ପ୍ରତିଷ୍ଠା ଦିବସ ଓ ସମ୍ବିଧାନ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦୁଝର,୧୪/୧୧ (ନି.ପ୍ର): ଆସନ୍ତା ନଭେମ୍ବର ୨୬ ଆମ୍ ଆଦମୀ ପାର୍ଟିର ପ୍ରତିଷ୍ଠା ଦିବସ ଓ ସମ୍ବିଧାନ ଦିବସ ଉପଲକ୍ଷେ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ ଙ୍କ ଆହ୍ୱାନ କ୍ରମେ କେନ୍ଦୁଝର ଲାବନ୍ୟଛକ ପାର୍କ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ନିମନ୍ତେ କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ଅଂଚଳରେ ସଚେତନତା ସଭା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ୧୪ ନଭେମ୍ବର ଠାରୁ ଆରମ୍ଭ କରି ୨୧ ନଭେମ୍ବର ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍ ମାନଙ୍କରେ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି। ନଭେମ୍ବର ୨୬ ରେ ଜିଲ୍ଲା ର ବିଭିନ୍ନ ସମସ୍ୟା କୁ ନେଇ ଜିଲ୍ଲାପାଳ ଙ୍କୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଭାପତି ପ୍ରେମାନନ୍ଦ ସିଂ ଜଣାଇଛନ୍ତି।

# ପୋଖରୀକୁ ପଶିଲା କାର୍ : ୨ ମୃତ

ଗଞ୍ଜାମ ,୧୪/୧୧ (ନି.ପ୍ର): ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶିଲା କାର୍ । ଫଳରେ କାର୍ ରେ ଥିବା ୨ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୨ ଜଣ ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଛନ୍ତି । ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡ଼ଆଗୁଳ ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି । ଗତକାଲି ରାତିରେ କାର୍ ଟି ବଡ଼ଆଗୁଳରୁ ଚିଙ୍ଗୁଡ଼ି ଘାଇ ଯାଉଥିବା ବେଳେ ବାଟରେ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ପୋଖରୀକୁ ଖସିପଡ଼ିଥିଲା । କାର୍ ରେ ୪ ଜଣ ବ୍ୟକ୍ତି ଥିଲେ । ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଅଳ୍ପକେ ବର୍ତି ଯାଇଛନ୍ତି । ମୃତକ ଦୁଇ ଜଣ ହେଲେ ନୀଳାଚଳ ମହାପାତ୍ର ଓ ସନ୍ତୋଷ ମହାପାତ୍ର । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆସିକା ମେଡ଼ିକାଲକୁ ଆଣା ଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ସନ୍ତୋଷଙ୍କ ଘର ପୋଲସରା ହୋଇଥିବା ବେଳେ ନୀଳାଚଳଙ୍କ ଘର ଚିଙ୍ଗୁଡ଼ି ଘାଇ ଅଂଚଳରେ ବୋଲି ଜଣାପଡିଛି । ଉଭୟେ ସଂପର୍କରେ ଦୁଇ ଭାଇ । ଖବର ପାଇ କବିସୂର୍ଯ୍ୟନଗର ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରିଛି । ଦୁଇ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ତେବେ କିପରି ଓ କେଉଁ ପରିସ୍ଥିତିରେ କାର୍ ଟି ଦୁର୍ଘଟଣାଗ୍ରସ୍ତ ହେଲା ସେନେଇ ତଦନ୍ତ କରୁଛି ପୋଲିସ ।

# ଖୋଲୁନି ସରକାରୀ ଚକ୍ଷୁ ଚିକିତ୍ସାଳୟ: ରୋଗୀ ହନ୍ତସନ୍ତ

ବଲାଙ୍ଗିର,୧୪/୧୧ (ନି.ପ୍ର): ଉପଖଣ୍ଡ ସରକାରୀ ଡାକ୍ତରଖାନା ପରିସରରେ ଥିବା ଚକ୍ଷୁ ଚିକିତ୍ସାଳୟ ଦୀର୍ଘଦିନ ଧରି ବନ୍ଦ ରହୁଥିବା ଯୋଗୁଁ ଚକ୍ଷୁ ରୋଗୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ଏହି ୧୦ ଶଯ୍ୟା ବିଶିଷ୍ଟ ଚକ୍ଷୁ ଚିକିତ୍ସାଳୟରେ ପୂର୍ବରୁ ଅସ୍ତ୍ରୋପଚାର ସହ ଉତମ ଚିକିତ୍ସା ଉପଲବ୍ଧ ହେଉଥିବା ଯୋଗୁଁ ସ୍ଥାନୀୟ ଅଂଚଳବାସୀଙ୍କ ସହ ପଡୋଶୀ ଜିଲ୍ଲାର ଚକ୍ଷୁ ରୋଗୀ ମଧ୍ୟ ନିର୍ଭରଶୀଳ ଥିଲେ। ଗତ ୨୦୨୧ ମସିହାରୁ ଏଠାରେ ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି । ଏପରିକି ଏହା ନିୟମିତ ବନ୍ଦ ରହୁଥିବା ଯୋଗୁଁ ସାଧାରଣ ଚିକିତ୍ସା ପାଇଁ ଆସୁଥିବା ରୋଗୀ ମଧ୍ୟ ନୟାନ୍ତ ହେଉଥିବା ଦେଖିବାକୁ ମିଳିଛି। ଗତ ୨୦୧୮ ମସିହାରୁ ଏଲଟିଆରଏମଓ ଡ଼ାକ୍ତର ପ୍ରଣତି ସାହୁ ଚକ୍ଷୁ ବିଶେଷଜ୍ଞ ଦାୟିତ୍ୱରେ କାର୍ଯ୍ୟରତ ଥିବାବେଳେ ସେ କେବଳ ଓପିଡି ଡ୍ୟୁଟି କରୁଥିବା ଦେଖାଯାଇଛି । ଏପରିକି ସେ ଟିଟିଲାଗଡ ସହର ନିକଟରେ ଥିବା ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ବେସରକାରୀ ଭାବରେ ଚାକିରି କରୁଥିବା ଓ ସେଠାରେ ନିୟମିତ ଡ୍ୟୁଟି କରୁଥିବା ନେଇ ଅଭିଯୋଗ ହୋଇଛି। କିଛିଦିନ ପୂର୍ବରୁ ଏଠାରେ କାର୍ଯ୍ୟରତ ଥାଇ ଟେକ୍ନିସିଆନ ଅବସର ଗ୍ରହଣ କରିଥିବା ବେଳେ ମୁରିବାହାଲ ଚକ୍ଷୁ ସହାୟକ ଅରବିନ୍ଦ ଆଚାର୍ଯ୍ୟଙ୍କୁ ସପ୍ତାହକୁ ୨ ଦିନ ପାଇଁ ଏଠାରେ ଡ୍ୟୁଟି କରିବାକୁ ଏସଡିଏମଓ ବିଭାଗୀୟ ଆଦେଶ ଜାରି କରିଥିଲେ। ଏହାପରେ ମଧ୍ୟ ସ୍ଥିତି ସୁଧୁରି ନଥିବା ଯୋଗୁଁ ଏସଡିଏମଓ ଡା. ପ୍ରଦୀପ ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ଘଟଣା ସମ୍ବନ୍ଧରେ ଅବଗତ ଥିବା ଓ ସଂପୃକ୍ତ ଡାକ୍ତର ଓ ସହାୟକଙ୍କୁ କାର୍ଯ୍ୟରେ ଅବହେଳା ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାଇଥିଲେ। ଅପରପକ୍ଷରେ ସଂପୃକ୍ତ ଡାକ୍ତର ତାଙ୍କୁ ଜାରି ହୋଇଥିବା ନୋଟିସର ଉତର ବିଭାଗୀୟ ଅଧିକାରୀଙ୍କୁ ଦେଇଥିବା ନେଇ ଜଣାଇଛନ୍ତି। ତେବେ ବିଭାଗୀୟ ଡାକ୍ତର ଓ ସହାୟକ ଉଭୟ ଉପଲବ୍ଧ ଥାଇ ମଧ୍ୟ କାହିଁକି ଚକ୍ଷୁ ଚିକିତ୍ସାଳୟ ବନ୍ଦ ରହୁଛି ଏହା ଉପରେ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି।

# ବନ୍ଧୁକ ମୁନରେ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରୁ ନଗଦ ୩ ଲକ୍ଷ ୫୦ ହଜାର ଲୁଟ୍

ରାଉରକେଲା,୧୪/୧୧ (ନି.ପ୍ର): ବନ୍ଧୁକ ମୁନରେ ଲୁଟ୍ । ନଗଦ ସାଢ଼େ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଲୁଟେରା । ରାଉରକେଲା ପୋଲିସ ଜିଲ୍ଲା ଅନ୍ତର୍ଗତ କୋଇଡ଼ା ଅଂଚଳରେ ଥିବା ଏକ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ଗତକାଲି ବିଳମ୍ବିତ ରାତିରେ ସଶସ୍ତ୍ର ଲୁଟେରା ପଶି ସିସି କ୍ୟାମେରା ସମ୍ମୁଖରେ ଅଫିସ ଭିତରେ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଧମକ ଚମକ ଦେଖାଇ ନଗଦ ସାଢ଼େ ୩ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ନିକଟସ୍ଥ ଲହୁଣୀପଡା ଥାନାରେ କମ୍ପାନୀ ପକ୍ଷରୁ ଏତଲା କରାଯାଇଛି ।

ସୂଚନା ଅନୁଯାୟୀ, ରାଉରକେଲା ପୋଲିସ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଠାରୁ ୧୦୦ କି.ମି. ଦୂରରେ ଥିବା କୋଇଡ଼ା ଅଂଚଳରେ ଅନେକ ଖଣି ଖାଦାନ ଓ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ରହିଛି । ସେଠାରେ କୋଇଡ଼ାର ଏକ ଥାନା ରହିଥିବା ବେଳେ ବଣେଇ ଉପଖଣ୍ଡ ଏସଡିପିଓ ଏହାକୁ ତଦାରଖ କରିଥାନ୍ତି । କିନ୍ତୁ, ବିଗତ କିଛି ମାସ ଧରି ଦେଖାଯାଉଛି, ରାସ୍ତାରୁ ଟଙ୍କା ଲୁଟ୍ ଓ ଦାଦା ବଟି ଆଦାୟ ଭଳି କାର୍ଯ୍ୟାକଳାପ ବଢି ଚାଲିଛି । ଅନୁରୂପ ଘଟଣା କ୍ରମେ ଗତକାଲି ବିଳମ୍ବିତ ରାତିରେ ଲହୁଣୀପଡା ଥାନା ଟେନସା ଫାଣ୍ଡି ଅନ୍ତର୍ଗତ ବରସୁଆଁ ରେଳ ଷ୍ଟେଶନ ସାଇଡିଂ ନିକଟରେ ଥିବା ବଜରଙ୍ଗ ଅଗ୍ରୱାଲଙ୍କ ବିଏନଆର ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ଲୁଟେରା ମାନେ ପଶି ଟଙ୍କା ଲୁଟ୍ କରିବା ସହ ସେଠାରେ ଆତଙ୍କ ସୃଷ୍ଟି କରିଛନ୍ତି । ଅପରାଧୀ ମାନେ ଏହି ଅପରାଧକୁ ଘଟାଇବାରେ ଏକ ସ୍କର୍ପିଓ ଗାଡି ବ୍ୟବହାର କରିଥିଲେ ଏବଂ ମୁହଁରେ ମୁଖା ପିନ୍ଧିଥିଲେ । ସେମାନେ ୫ରୁ ୬ ଜଣ ଥିଲେ । ସେମାନଙ୍କର ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ବୋଲି ଅଭିଯୋଗ ହୋଇଛି । ଲୁଟେରାମାନେ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରିବା ସହ କାର୍ଯ୍ୟାଳୟରେ ଥିବା କର୍ମଚାରୀଙ୍କୁ ମାଡ ମାରିଥିଲେ । ଧମକ ଚମକ ଦେଇ ବନ୍ଧୁକ ମୁନରେ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ଲୁଟି ଫେରାର୍ ହୋଇଯାଇଥିଲେ । ଏ ସଂକ୍ରାନ୍ତରେ ଲହୁଣୀପଡା ଥାନାରେ ସିସିଟିଭି ଭିଡିଓ ପ୍ରମାଣ ସହ ଏତଲା ଦେଇଛନ୍ତି ବିଏନଆର ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟର ପ୍ରବନ୍ଧକ ।

ଏଠାରେ ଉଲ୍ଲେଖଯୋଗ୍ୟ, ବଣେଇ ଉପଖଣ୍ଡ ସମସ୍ତ ଥାନା ଅଂଚଳରେ ବାରମ୍ବାର ଓ ଦୈନିକ ହେଉଥିବା ଡକାୟତି ପାଇଁ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହେବା ସହ ପୋଲିସକୁ ଲଗାତାର ଭାବେ ଦୁର୍ବୃତମାନେ ଚ୍ୟାଲେଞ୍ଜ ଦେଉଛନ୍ତି। ଏହାକୁ ରୋକିବା ପାଇଁ ନିୟମିତ ବିଳମ୍ବିତ ରାତି ଯାଏଁ ପାଟ୍ରୋଲିଂ କରିବାର ନିୟମ ଥିଲେ ସୁଦ୍ଧା ସମ୍ପୃକ୍ତ ଥାନା ପକ୍ଷରୁ ନିରବତା ଅବଲମ୍ବନ କରାଯାଉଥିବାରୁ ବର୍ତମାନ ଅପରାଧୀଙ୍କ ଚରାଭୂଇଁ ପାଲଟିଛି କୋଇଡ଼ା ଓ ଟେନସା ଅଂଚଳ ।

# ବିଜେପି କୃଷକ ମୋର୍ଚ୍ଚାର ଖରିଫ ଧାନ ସଂଗ୍ରହ ଅଭିଯାନ କର୍ମଶାଳା

କେନ୍ଦୁଝର,୧୪/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଚଳିତ ଖରିଫ ଧାନ କିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ଆଜି ଜିଲ୍ଲା କାର୍ଯ୍ୟାଳୟ ଠାରେ ଖରିଫ ଧାନ ସଂଗ୍ରହ ଅଭିଯାନ କର୍ମଶାଳା ଜିଲ୍ଲା ସଭାପତି ଭାଗିରଥି ସିଂ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଚାଷୀ ମାନଙ୍କୁ ସମୃଦ୍ଧ କରିବା ସହିତ ଆୟକୁ ଦୁଇ ଗୁଣା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି। ତାହାର ଲାଭ କିପରି ଭାବରେ ଚାଷୀ ମାନେ ପାଇବେ ସେଥିପ୍ରତି ସମସ୍ତ କାର୍ଯ୍ୟକର୍ତା କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଚଳିତ ଖରିଫ ଧାନ କିଣା କାରବାରରେ କଟନି ଛଟନି କରୁଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହେଶ୍ୱର ସାହୁ ତାଙ୍କ ଭାଷଣରେ କହିଥିଲେ। କେନ୍ଦୁଝର ଜିଲ୍ଲାରେ ଖରିଫ ଧାନ ଗତ ବର୍ଷ ୫୯ ହଜାର ଚାଷୀ ବିକ୍ରି କରିଥିବା ବେଳେ ଏବର୍ଷ ୭୯ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ତୁଳନାରେ ୨୦ ହଜାର ଅଧିକ ଚାଷୀ ଜିଲ୍ଲାରେ ଧାନ ଚାଷ କରିବା ଏକ ଐତିହାସିକ ଲକ୍ଷଣ ଓ ଶୁଭ ସଂକେତ ବୋଲି ଶ୍ରୀ ସାହୁ କହିଥିଲେ। ଓଡ଼ିଶାର ୧୫ ଲକ୍ଷ ହେକ୍ଟର ଜମି ଜଳସେଚନ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଶ୍ରୀ ସାହୁ ସ୍ୱାଗତ କରିଥିଲେ। ଏହି କର୍ମଶାଳାରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ତେଲକୋଇ ବିଧାୟକ ଫକୀର ନାୟକ, ବିଜେପି ରାଜ୍ୟ ସଂପାଦକ ଶ୍ରୀମତୀ ମମତା ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥିରାଜ କୁଅଁର, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ବରିଷ୍ଠ ବିଜେପି ନେତା ରାଧାକାନ୍ତ ମହାନ୍ତ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ବରିଷ୍ଠ ବିଜେପି ନେତା ଶ୍ରୀଧର ସାହୁ, ସୁବ୍ରତ ମହାନ୍ତି, କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ରାଜେଶ କୁମାର ସିଂହ, ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ, ସୁଧାକର ସାହୁ, ଶିଶିର କୁମାର ସାହୁ, ଧନୁର୍ଜୟ ମହାନ୍ତ, ପ୍ରଶାନ୍ତ କୁମାର ସ୍ୱାଇଁ, ଜୟ କୃଷ୍ଣ ମହାନ୍ତ, ଶିବେନ୍ଦ୍ରେ ଚକ୍ର, କୈଳାଶ ସାମଲ, ନିତ୍ୟାନନ୍ଦ ପହି, ପ୍ରଫୁଲ କୁମାର ନାୟକ, ଅନନ୍ତ ବାରିକ, ସନ୍ୟାସୀ ପାତ୍ର, ନିରଞ୍ଜନ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ମହାନ୍ତ, ଜୟ କୃଷ୍ଣ ମହାନ୍ତ, ପ୍ରମୋଦ କୁମାର ସାହୁ, ପ୍ରସନ୍ନ କୁମାର ନାୟକ, ବିପିନୀ ମହାନ୍ତ, ଗୌତମ ନାୟକ, ରାଜେଶ କୁମାର ମହାନ୍ତ, ଦୁର୍ଯ୍ୟଧନ ମହାନ୍ତ, କମଳା ନାୟକ, ରବିନ୍ଦ୍ର କୁମାର ଦେହୁରୀ, ରତିକାନ୍ତ ସାହୁ ପ୍ରମୁଖ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ।

# ପଣ୍ଡିତ ଜବାହରଲାଲ ନେହୁରୁ ଟ୍ରଷ୍ଟର ମେଗା ରକ୍ତଦାନ ଶିବିରରୁ ୧୧୭ ୟୁନିଟ ରକ୍ତ ସଂଗୃହୀତ




ପାରାଦ୍ୱୀପ , ୧୪/୧୧ (ନି.ପ୍ର): ପାରାଦ୍ୱୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ପଣ୍ଡିତ ନେହେରୁଙ୍କ ଜନ୍ମଦିନ ଉପଲକ୍ଷେ ଆଜି ନୂଆବଜାର ସ୍ଥିତ ପୋର୍ଟ କ୍ଲବ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ପାରାଦ୍ୱୀପ ପୌରପାଳିକା ଅଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଓ ସମ୍ମାନିତ ଅତିଥି ଜେ ଏସ ଡବ୍ଲୁ ଉପ ସଭାପତି,ଶ୍ରୀଯୁକ୍ତ ଡି କେ ସିହ୍ନା, ଅତିରିକ୍ତ ଉପ ସଭାପତି ଶ୍ରୀଯୁକ୍ତ ଏସ କେ ପଟ୍ଟନାୟକ, ପାରାଦ୍ୱୀପ ବନ୍ଦର ଡେପୁଟି ଟ୍ରାଫିକ ମ୍ୟାନେଜର ଶ୍ରୀମନ ନାରାୟଣ ମିଶ୍ର ଓ ଲେଖିକା ହାରାମଣି ମହାପାତ୍ର ପ୍ରମୁଖ ଯୋଗ ଦେଇ ଶିବିରକୁ ଉଦ୍ଘାଟନ କରିବା ସହିତ ରକ୍ତ ଦାତାଙ୍କୁ ଉତ୍ସାହିତ କରିବା ସଂଗେ ସଂଗେ ଆୟୋଜକଙ୍କୁ ଏଭଳି ମହତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ । ଏହି ଶିବିର ଆୟୋଜନ କରିବା ସହିତ ପରିଚାଳନା କରିଥିଲେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ନାୟକ, ଟ୍ରଷ୍ଟି କେଦାର ବିଶ୍ୱାଳ, ଧ୍ରୁବ ଚରଣ ମହାପାତ୍ର, ଅଧ୍ୟକ୍ଷ ଶ୍ରୀ ସରୋଜ କୁମାର ପ୍ରଧାନ,ତ୍ରିନାଥ ମହାନ୍ତି, ଜ୍ୟୋତି ରଞ୍ଜନ ଦାସ, ପଦ୍ମ ସମ୍ଭୃତ ମହାନ୍ତି, କୃପାସିନ୍ଧୁ ଦାସ, ସୁଶାନ୍ତ କୁମାର ବାରିକ, ଚନ୍ଦ୍ର ଶେଖର ମହାପାତ୍ର, ସୁନାକର ସେଠୀ, ବିଜୟ କୁମାର ସେଠୀ, ମନୋଜ ପ୍ରଧାନ, ଧରିତ୍ରୀ ସାମଲ, ବିନତି ପଡ଼ିଆରୀ, ପ୍ରେମଲତା ବାରିକ, କୌଶଲ୍ୟା ମହାନ୍ତି, ସଂଘମିତ୍ରା ସ୍ୱାଇଁ, ପୁଷ୍ପା ଦାସ, ଖୁଲଣା ଜେନା, ପ୍ରତିମା ବାରିକ, ସସ୍ମିତା ମହାନ୍ତି, ଅନିତା ଜେନା, ସୁକାନ୍ତି ପରିଡ଼ା ଓ ଜଗନ୍ନାଥ ଶତପଥୀ ପ୍ରମୁଖ । ଏହି ଶିବିରରୁ ମୋଟ ୧୧୭ ୟୁନିଟ ରକ୍ତ ସଂଗୃହିତ ହେଇଥିଲା ।

# ମଂଟେଶୋରୀ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

ବଲାଙ୍ଗୀର, ୧୪/୧୧ (ନି.ପ୍ର): ସ୍ଥାନୀୟ ମଣ୍ଟେଶୋରୀ ପବ୍ଲିକ ସ୍କୁଲରେ ୧୧ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍ଯାପନି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଡା. ପଂଚଜନ୍ୟ ପଣ୍ଡା ଯୋଗ ଦେଇ ବିଜ୍ଞାନ ଓ ଏହାର ଆବିଷ୍କାର ବିଷୟରେ ଆଲୋକପାତ କରିଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇ ନିଜ ନିଜର ପ୍ରୋଜେକ୍ଟ ବିଷୟରେ ଦର୍ଶକମାନଙ୍କୁ ବିଷଦ୍ ଭାବରେ ବୁଝାଇଥିଲେ । ବିଚାରକ ରୂପେ ସୁଶ୍ରୀ ସଞ୍ଜିବନୀ ପଣ୍ଡା ବିଜ୍ଞାନ ଶିକ୍ଷୟତ୍ରୀ ଏବଂ ବିଜ୍ଞାନ ଶିକ୍ଷକ କାର୍ତ୍ତିକ ପଣ୍ଡା ସମସ୍ତ ପ୍ରୋଜେକ୍ଟ ତଦାରଖ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ ସ୍ୱରୁପ ସମସ୍ତ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦିଆଯାଇଥିଲା । ଶିଶୁ ଦିବସ ଅବସରରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ ସେଂଟ୍ରାଲ ବ୍ୟାଙ୍କ ମ୍ୟାନେଜର ସୌରଭ କୁମାର ଏବଂ ପ୍ରତାପ ରଥ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । ସ୍କୁଲ ଚେୟାରମେନ ବିରେନ୍ଦ୍ର ନାରାୟଣ ଉଦ୍‌ଗାତାଙ୍କ ଅଧ୍ୟକ୍ଷତାରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ମାୟାବହରା ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପଶାୟତ, ଆକୁଳ ବେହେରା ଉପସ୍ଥିତ ଥିଲେ । ଶେଷରେ ଅଧ୍ୟକ୍ଷ ରବିଚନ୍ଦ୍ର ଉଦ୍‌ଗାତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୮୩ ହଜାରରୁ ...

ସିଂହ ମାଝୀ । ସେ ୨୧୩୭ ଖଣ୍ଡ ଭୋଟ୍ ପାଇଛନ୍ତି । ସେହିପରି ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମୀକାନ୍ତ ତାଣ୍ଡି ୧୩୨୨ ଖଣ୍ଡ ଭୋଟ୍ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ କିଶୋର କୁମାର ବାଗ ୭୪୩, ଭୁବନଲାଲ ସାହୁ ୭୨୧ , ହେମନ୍ତ ତାଣ୍ଡି ୬୬୨, ଚକ୍ରାନ୍ତ ଜେନା ୫୨୯, ଭକ୍ତବନ୍ଧୁ ଧରୁଆ ୫୧୧, ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ ୪୮୯, ସ୍ୱାଧୀନ ପ୍ରାର୍ଥୀ ନୀତା ବାଗ ୪୭୪, ଆଶ୍ରୟ ମହାନନ୍ଦ ୧୯୧ ଓ ଓଡ଼ିଶା ଜନତା ପାର୍ଟିର ସୁଧାକର ଦଣ୍ଡସେନା ୧୬୭ ଖଣ୍ଡ ଭୋଟ୍ ପାଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରେ ବିଜୟୀ ହୋଇଥିଲେ ବିଜେଡି ପ୍ରାର୍ଥୀ ତଥା ଜୟ ଢୋଲକିଆଙ୍କ ବାପା ରାଜେନ୍ଦ୍ର ଢୋଲକିଆ । ତେବେ ତାଙ୍କ ମୃତ୍ୟୁ ପରେ ଏହି ଉପନିର୍ବାଚନ କରାଯାଇଥିଲା । ଏଥିରେ ତାଙ୍କ ପୁଅ ଜୟ ବିଜେପିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିବା ବେଳେ ବିଜେଡି ତୃତୀୟ ସ୍ଥାନକୁ ଖସି ଯାଇଛି । ନିଜେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ୨ ଥର ନୂଆପଡ଼ା ଯାଇ ପ୍ରଚାର କରିଥିଲେ ହେଁ ତାଙ୍କ ଦଳକୁ ନିରାଶ ହେବାକୁ ପଡ଼ିଛି । ୨୦୦୯, ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରୁ କୌଣସି ପ୍ରାର୍ଥୀ ଜୟ ଢୋଲକିଆଙ୍କ ଭଳି ଲକ୍ଷେରୁ ଅଧିକ ଭୋଟ୍ ପାଇ ବିଜୟୀ ହୋଇ ନଥିଲେ । ଏମିତିକି କେହି ୧ ଲକ୍ଷ ପାଖାପାଖି ମଧ ପହଞ୍ଚି ନଥିଲେ । ସେହିଭଳି ୮୩ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ମଧ କେହି ଜିତି ନଥିଲେ । ୨୦୨୪ ସାଧାରଣ ନିର୍ବାଚନରେ ଜୟ ଢୋଲକିଆଙ୍କ ବାପା ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ଆସନରୁ ବିଜେଡିରୁ ପ୍ରାର୍ଥୀ ହୋଇ ୬୧,୮୨୨ ଖଣ୍ଡ ଭୋଟ୍ ପାଇଥିଲେ ।

### ନୂଆପଡ଼ା ଓ ବିହାରରେ...

ବିଜେପି ନେତୃତ୍ୱରେ ବିକାଶର କଥା ଆଗକୁ ନେଉଛୁ । ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ୨୨ ଲକ୍ଷ କୋଟି ଟଙ୍କାର ନିବେଶ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିରେ ହୋଇଛି । ସରକାର ଭଲ କାମ କରୁଛନ୍ତି ବୋଲି ନୂଆପଡ଼ାବାସୀ ଅନୁଭବ କରିପାରୁଛନ୍ତି । ମୁଁ ଗତବର୍ଷ ନୂଆପଡ଼ା ଯାଇଥିଲି । ସେହି ସମୟରେ ନିର୍ବାଚନ ନଥିଲା । କୌଣସି କାର୍ଯ୍ୟକ୍ରମ ନଥିଲା । ଗତବର୍ଷ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲି । ଚଳିତ ବର୍ଷ ନିର୍ବାଚନ ପ୍ରଚାର ସମୟରେ ମୁଁ ଯାଇଥିଲି । ଗତ ୬ ତାରିଖରେ ଯେତେବେଳେ ମୁଁ କୋମନାରେ ରୋଡ୍ ସୋ' କରିଥିଲି, ହଜାର ହଜାର ଲୋକ ଉତ୍ସାହର ସହିତ ଉପସ୍ଥିତ ଥିଲେ । ନୂଆପଡ଼ାର ବିକାଶ ହେବ । ଆମ ଦଳର ରାଜନୈତ୍ତିକ ଉଦ୍ଦ୍ୟେଶ ନୁହେଁ, ଆମେ ସେବା ମନୋଭାବ ନେଇ ଆଗକୁ ବଢୁଛି । ଏହି କାରଣରୁ ନୂଆପଡ଼ାବାସୀ ସମର୍ଥନ ଦେଇଛନ୍ତି । ବିହାରରେ ବିଜେପିର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଭିନନ୍ଦନ ଜଣାଉଛି । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ବିଜୟ ଉତ୍ସବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପଦାଧିକାରୀ, କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ଥିଲେ ।

### ଭାଙ୍ଗିଗଲା ବିଜେଡିର...

ବିଜେଡି, କାହିଁକି ଭୋଟରଙ୍କ ମନ ଜିଣିପାରିଲେନି ନବୀନ । ନୂଆପଡ଼ାରେ କାମ କଲାନି ନବୀନ ଯାଦୁ । ଫ୍ୟୁଜ୍ ହୋଇଗଲା ବିଜେଡିର ଫବ୍ରାଣ୍ଡ୍ ନବୀନ' । ଭୋଟ୍ ଭିଡ଼ିପାରିଲେନି ଶଙ୍ଖ ସୁପ୍ରିମୋ । ବୁମେରାଂ ହେଲା କି ନବୀନଙ୍କ ଫବେଇମାନ୍' ପଲିଟିକ୍ସ ? ସାଧାରଣ ନିର୍ବାଚନ ସକ୍ ପରେ ବିଜେଡିକୁ ଜବରଦସ୍ତ ଝଟକା ଦେଇଛି ନୂଆପଡ଼ା ଜନାଦେଶ । ବିପର୍ଯ୍ୟୟ ପରେ ନେତା ଖସୁଥିଲେ, ଏବେ ଆସନ ଖସିଗଲା । ଶତଚେଷ୍ଟା ପରେ ବି ଗଡ଼ ବଞ୍ଚାଇପାରିଲେନି ନିଜେ ବିଜେଡି ସଭାପତି ନବୀନ ପଟ୍ଟନାୟକ । ମାଳମାଳ କମିଟି ଗଢିଲେ, ନିଜେ ଦୁଇ ଦୁଇ ଥର ନୂଆପଡ଼ା ଗଲେ । ରୋଡ୍ ଶୋ ସାଙ୍ଗକୁ ସମାବେଶରେ ଉଦବୋଧନ ବି ଦେଲେ । ସୋସିଆଲ୍ ମିଡିଆରେ ମଧ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଲେ । ହେଲେ ଫଳାଫଳ- ଥାର୍ଡ୍ ପୋଜିସନ୍ । ଦୀର୍ଘ ବର୍ଷ ଧରି ନୂଆପଡ଼ାକୁ କବଜାରେ ରଖିଥିବା ବିଜେଡି ଉପନିର୍ବାଚନରେ ଚିତ୍ ଖାଇଛି । ପ୍ରଥମରୁ ଖସିଆସିଛି ସିଧା ତୃତୀୟ ସ୍ଥାନକୁ । ଏପରିକି ୨୦୨୪ ନିର୍ବାଚନରେ ପାଇଥିବା ୩୪ ପ୍ରତିଶତ ଭୋଟ ବି ପାଖରେ ରଖିବାକୁ ଫେଲ୍ ମାରିଛି । ବିଜେଡି ଜିତିନପାରିବା ଦଳକୁ ଯେତିକି ଝଟକା ଦେଇଛି ତାଠୁ ଅଧିକ ପ୍ରଶ୍ନ ଚିହ୍ନ ଲାଗିଛି ନବୀନଙ୍କ ଲୋକପ୍ରିୟତା ଉପରେ । ଯାହାର ଜବାବ ରଖିଛି ବିଜେଡି । ତେବେ କାହିଁକି ନୂଆପଡ଼ାବାସୀଙ୍କ ଆସ୍ଥା ହରାଇଲା ବିଜୁ ଜନତା ଦଳ ? କାହିଁକି ଲୋକଙ୍କୁ ପ୍ରଭାବିତ କରିପାରିଲାନି ନବୀନଙ୍କ ୨୪ ବର୍ଷର ମୁଖ୍ୟମନ୍ତ୍ରୀ ଅଭିଜ୍ଞତା ? ନଜର ପକାନ୍ତୁ ବିଜେଡିର ଶୋଚନୀୟ ପରାଜୟ ପଛର ତିନି ସମ୍ଭାବ୍ୟ କାରଣ ଉପରେ ।

### ଦିଲ୍ଲୀ ବିଜେପି ମୁଖ୍ୟାଳୟରେ ...

ମୁଁ NDA ପାଇଁ ଏକ ବିଶାଳ ବିଜୟ ସୁନିଶ୍ଚିତ କରିବା ପାଇଁ ବିହାରର ଲୋକମାନଙ୍କୁ ଅନୁରୋଧ କରିଥିଲି, ଏବଂ ବିହାରର ଲୋକମାନେ ମୋର ଅନୁରୋଧକୁ ରଖିଛନ୍ତି । ବିହାରରେ ବିଜେପିର ବିଜୟକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଚାର ସମୟର ଏକ ଭିଡ଼ିଓ ଭାଇରାଲ ହେବାରେ ଲାଗିଛି ।

# ବାସୁଦେବପୁର ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ




ବାସୁଦେବପୁର, ୧୪/୧୧ (ନି.ପ୍ର): ନୂଆପଡ଼ା ଉପ ନିର୍ବାଚନ ଏବଂ ବିହାର ବିଧାନ ସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରିପ୍ରେକ୍ଷୀରେ ବାସୁଦେବପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପି ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଯୁବ ନେତା ଜଗବନ୍ଧୁ ଦାସ, ଡାକ୍ତର ଉମାକାନ୍ତ ଖୁଣ୍ଟିଆ, ଡକ୍ଟର ପ୍ରତାପ ନାୟକ,ଅଶୋକ କୁମାର ସାହୁ, ଅସିତ୍ କୁମାର ଦାଶ, କୈଳାସ ଚନ୍ଦ୍ର ପଣ୍ଡା, ପ୍ରତାପ ସେନାପତି, ଗିରିଜା ଶଙ୍କର ନାୟକ, ଲିଙ୍କୁନ୍ ଦଲେଇ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ସୁବାସ ଚନ୍ଦ୍ର ପ୍ରଧାନ,ଲକ୍ଷ୍ମୀକାନ୍ତ ଲେଙ୍କା, ଅନାଦି ବେହେରା, ରାଜେନ୍ଦ୍ର କୁମାର ବାରିକ୍ ଓ ବହୁ ଯୁବ ନେତା ଓ କର୍ମୀ ଯୋଗ ଦେଇଥିଲେ । ଭାରତ ମାତା କି ଜୟ, ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଜିନ୍ଦାବାଦ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିନ୍ଦାବାଦ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜିନ୍ଦାବାଦ, ରାଜ୍ୟ ସଭାପତି ମନ ମୋହନ ସାମଲ ଜିନ୍ଦାବାଦ ଧ୍ୱନିରେ ବାସୁଦେବପୁର ବଜାର ପରିବେଶ ପ୍ରକମ୍ପିତ ହୋଇଥିଲା । ସମସ୍ତେ ବାସୁଦେବପୁର ବଜାର ପରିକ୍ରମା କରି ଥିଲେ ଓ ବିଶାଳ ଶୋଭାଯାତ୍ରା ରେ ଯୋଗ ଦେଇଥିଲେ । ଏହି ଅବସରରେ ଯୁବ ନେତା, କର୍ମୀ ମିଠା ବଣ୍ଟନ କରିଥିଲେ । ସହରରେ ସମସ୍ତ ଙ୍କ ମନରେ ହସ ଖୁସି ଓ ଆନନ୍ଦର ଲହରୀ ଖେଳି ଯାଇଥିଲା ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୧୪/୧୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ଦ୍ୱାରା "ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ" ଶୀର୍ଷକ ଆଲୋଚନା ଚକ୍ର କଲେଜ ଅଧକ୍ଷ ଡ଼ ମଥୁରୀ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବନ୍ୟା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ସବିତା ଦାସ ଆଇ.ସି.ଟି. ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ । ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିବା ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱରର ସହକାରୀ ପ୍ରଫେସର୍ ସମୀର ନାୟକ ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟ ଉପରେ ବିଶେଷ ମତ ରଖିଥିଲେ । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଭାଗର ଛାତ୍ରୀମାନେ ଭାଗନେଇ ଆଲୋଚନାକୁ ସଫଳ କରିଥିଲେ । ଶେଷରେ ବିଭାଗର ଅଧ୍ୟାପିକା ସୁଭଦ୍ରା ସାମଲ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଅଧ୍ୟାପିକା ତପସ୍ୱିନୀ ଦାସ ସହଯୋଗ କରିଥିଲେ ।

# ପଞ୍ଚାୟତ ସ୍ତରୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ



ଜଳେଶ୍ୱର, ୧୪/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ପୂର୍ବାହ୍ନ ୧୧ ଘଟିକା ସମୟରେ ପଞ୍ଚାୟତ ସ୍ତରୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି ।ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନରେ ସଶକ୍ତ ପଞ୍ଚାୟତ ଗଠନରେ ସରକାରୀ କର୍ମଚାରୀ ଓ ନିର୍ବାଚିତ ପ୍ରତିନିଧିଙ୍କ ଭୂମିକା,କର୍ତ୍ତବ୍ୟ ଓ ତାହାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରା ଯାଇଥିଲା । ବିଶେଷ କରି ପ୍ଲାଷ୍ଟିକ ମୁକ୍ତ ଗ୍ରାମ ପଞ୍ଚାୟତ,ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ଯୋଜନା ଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରଧାନ ପରାମର୍ଶ ଦେଇଥିଲେ । ଉକ୍ତ ଆଲୋଚନା ଚକ୍ରରେ କୋଟସାହି ଗ୍ରାମ ପଞ୍ଚାୟତର ସରପଞ୍ଚ ମଞ୍ଜୁବାଳା ପ୍ରଧାନ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି କୋଟସାହି ପଞ୍ଚାୟତ ର ପୂର୍ବତନ ସମିତି ସଭ୍ୟ ତଥା ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ,ମୁଖ୍ୟ ବକ୍ତା ଭାବେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ବରେଣ୍ୟ ଅତିଥି ଭାବେ ଭୀଷ୍ମ ପରିଡ଼ା, ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଫକୀର ମୋହନ ପ୍ରଧାନ,କୋଟସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିନେଶ କୁମାର ସେଠୀ, ଗ୍ରାମ୍ୟ କୃଷି ଅଧିକାରୀ ସେକ ଅବଦୁଲ ରାଜନ, କୋଟସାହି ଏଡିଇଓ ନିମାଇଁ ଚରଣ ମହାନ୍ତି,ମହିଳା ସ୍ୱାସ୍ଥ୍ୟ କର୍ମୀ ବିନତୀ ଟୁଡୁ,ପୁରୁଷ ସ୍ୱାସ୍ଥ୍ୟକର୍ମୀ ସୁରଜ ମାଝୀ,ଏମ୍ବିକେ ରୀନାରାଣୀ ବେହେରା,ବ୍ଲକ ୱେଲଫେୟାର ଅଫିସର ସଜତ ଅନୁପମ,ସିପି ତଥା ଜିପିଇଓ ସୁଜିତ କୁମାର ଜେନା,ବ୍ଲକ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ସାହୁ,ବ୍ଲକ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ,ସିଡିପିଓ ମିନତି ସିଂ,ବ୍ଲକ ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ନିରଞ୍ଜନ ନାୟକ, ମିଶନ ଶକ୍ତି ସଂଯୋଜକ ସନ୍ତୋଷ କୁମାର ପାତ୍ର ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା, ସମସ୍ତ ଅଙ୍ଗନୱାଡି କର୍ମୀ, ସମସ୍ତ ଆଶା କର୍ମୀ, ଜିପିଏଲଏଫ ସଭାପତି, ସମ୍ପାଦିକା, ସିଆରପି, ଇସି ମେମ୍ବର ଉପସ୍ଥିତ ଥିଲେ ।

# ଭବ୍ୟ ନାରୀଶକ୍ତି ଫାଉଣ୍ଡେସନ୍‌ର ତୃତୀୟ ବାର୍ଷିକୋତ୍ସବ



ପୁରୀ, ୧୪/୧୧ (ନି.ପ୍ର): ଭବ୍ୟ ନାରୀଶକ୍ତି ଫାଉଣ୍ଡେସନର ତୃତୀୟ ବାର୍ଷିକୋତ୍ସବ ପୁରୀ ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ସାଂସଦ ଡାକ୍ତର ସମ୍ବିତ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଫାଉଣ୍ଡେସନ୍‌ର ସଭାପତି ଶ୍ରୀମତୀ ସୁପ୍ରୀତି ଶୁକ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉତ୍ତରାଂଚଳ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପ୍ରାକ୍ତନ ଡେପୁଟି ଲିଗାଲ୍ ଆଡଭାଇଜର୍ ଶ୍ରୀମତୀ ରାଜଶ୍ରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରି ନାରୀ ସଶକ୍ତୀକରଣରେ ପୁରୀ ଓ ମା' ଲକ୍ଷ୍ମୀଙ୍କ ଭୂମିକାକୁ ଉଦ୍ଧାର କରି ଆଲୋଚନା କରିଥିଲେ । ଓଡ଼ିଆ ଫିଲ୍ମ କଳାକାର ସ୍ମିତା ମହାନ୍ତି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଫାଉଣ୍ଡେସନ୍‌ର ସମ୍ପାଦିକା ଶ୍ରୀମତୀ କଳ୍ପନା ମୁଦୁଲୀ ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷା ଶ୍ରୀମତୀ ସଂଘମିତ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

# ଡ୍ରିମସ ଆଇଡିଆଲ ସ୍କୁଲରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୩୭ତମ ଜୟନ୍ତୀ ପାଳିତ



ବାଲେଶ୍ୱର, ୧୪/୧୧ (ନି.ପ୍ର): ଡ୍ରିମସ ଆଇଡିଆଲ ସ୍କୁଲ ପରିସରରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୩୭ତମ ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ସହଦେବଖୁଣ୍ଟା ଆଦର୍ଶ ଥାନା ର ଆଇଆଇସି ଶ୍ରୀଯୁକ୍ତ ବିରଞ୍ଚି ସାହୁ ମହୋଦୟ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରିଥଲେ । ସେ ତାଙ୍କ ବକ୍ତବ୍ୟ ରେ କୁନି କୁନି ପିଲାଙ୍କ ର ଚାଚା ନେହେରୁ କିପରି ପ୍ରିୟ ଥିଲେ ବକ୍ତବ୍ୟ ରଖିଥିଲେ । ଏହା ସହ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣ ଶ୍ରୀ ପ୍ରକାଶନ ର ପ୍ରତିଷ୍ଠାତା ତଥା କବି ଶ୍ରୀ କାଳୀପଦ ପଣ୍ଡା ଯୋଗଦେଇ ଥିଲେ । ସେ ତାଙ୍କ ବକ୍ତବ୍ୟ ରେ ନେହେରୁଙ୍କ ମହାନ୍ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହା ସହ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ । ବିଦ୍ୟାପୀଠ ର ସମ୍ପାଦକ ଶ୍ରୀ ଭାବଗ୍ରାହୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏଥି ସହିତ ଏହି ପବିତ୍ର ଦିବସ ରେ ସାମିଲ ହୋଇଥିଲେ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି , ରେହେନା ବେଗମ୍, ସରିତା ବାରିକ , ପ୍ରଭାତୀ ମହାପାତ୍ର , ମୌସୁମୀ ଚାଟାର୍ଜୀ, ଆଞ୍ଚଲ ପ୍ରିୟା ବେହେରା , ଅନିତା ରାଣୀ ଦାସ , ମାମୁନି ମହାପାତ୍ର , ଶାନ୍ତିଲତା ମାଝୀ, ଆରତୀ ବାଳା ଦାସ , ଜୟସ୍ମିତା ପଣ୍ଡା , ପୂଜା ପରିଡ଼ା , ଶୁଭଲକ୍ଷ୍ମୀ ରାଉତ , ବୈଶାଖୀ ରାଧିକା ସାହୁ , ରୋହିତ ନାୟକ, ମନିଷା ଦାଶ, ଯଶୋବନ୍ତ ସିଂ, ନାମିତା ବାଗ ପ୍ରମୁଖ କର୍ମଚାରୀ ଗଣ କାର୍ଯ୍ୟ ରେ ଯୋଗଦାନ କରିଥିଲେ । ଶେଷ ରେ ପିଲାମାନଙ୍କଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସଭା ଶେଷ ରେ ଅଧ୍ୟକ୍ଷା ଙ୍କ ଦ୍ୱାରା ପିଲାମାନଙ୍କୁ ଉପହାର ବଣ୍ଟନ କରାଯାଇଥିଲା ।

# ନିଆରା ଢଙ୍ଗରେ ଶିଶୁ ଦିବସ ପାଳିତ




ବସ୍ତା , ୧୪/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ପିଙ୍ଗାବଣିଆ ଗ୍ରାମ ରେ ଗଢ଼ି ଉଠିଥିବା ବୈଦିକ ଗୁରୁକୁଳ ଶିକ୍ଷାଶ୍ରମ ପରିସର ରେ ପବିତ୍ର ଶିଶୁ ଦିବସ ପାଳିତ ହୋଇଯାଇଅଛି । ଶିଶୁ ଏକ ବିଭୁଦତ୍ତ ପ୍ରତିଭା, କୋମଳ କଳିକା ଏବଂ ଶାନ୍ତି ସକାଳର ଶୁଦ୍ଧ ଶିଶିର ବିନ୍ଦୁ । ଶିଶିର ବିନ୍ଦୁ ବନ୍ଦିତ, ନନ୍ଦିତ ଓ ସୁଷମାଯୁକ୍ତ ହୋଇ ଉଠେ ସୂର୍ଯ୍ୟ ରଶ୍ମିର ପ୍ରତିଫଳନରେ । ଶିଶୁର ସ୍ୱଚ୍ଛ ହୃଦୟ କାନ୍ତ, କମନୀୟ ଓ ଦୀପ୍ତିମନ୍ତ ହୋଇ ଉଠେ ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶରେ । ଆଜିର ଶିଶୁ କାଲିର ନାଗରିକ । ନିଜର ପ୍ରତିଭା ବଳରେ ଜନ ସମାଜ କୁ କରେ ସ୍ନିଗ୍ଧ, ଶାନ୍ତ, ଶୀତଳ । ସେଇ ପ୍ରତିଭାକୁ ବିକଶିତ କରିବା ପାଇଁ ଶିକ୍ଷାଶ୍ରମ ପକ୍ଷ ରୁ ପିଲା ମାନଙ୍କୁ ନେଇ ଶିଶୁ ଶ୍ରମିକ ଓ ସୋସିଆଲ ମିଡିଆର କୁପ୍ରଭାବ ସଂକ୍ରାନ୍ତିୟ ସଚେତନତାକୁ ନୃତ୍ୟ ନାଟିକା ମାଧ୍ୟମ ରେ ପରିବେଷଣ କରିଥିଲେ । ଏଇ କାର୍ଯ୍ୟକ୍ରମ ଶିକ୍ଷାଶ୍ରମ ର ସଭାପତି କସିପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କନିଷ୍ଠ ବୈଜ୍ଞାନିକ ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବେ ଗୁରୁକୁଳ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିନାକ୍ଷୀ ସାହୁ, ସମ୍ମାନିତ ବକ୍ତା ଭାବେ ଶିକ୍ଷାଶ୍ରମ ର ପ୍ରତିଷ୍ଠାତା ସଦସ୍ୟ ତଥା ଗୁରୁକୁଳ ର ଅତ୍ୟନ୍ତ ସହଯୋଗୀ ଶ୍ରୀଯୁକ୍ତ ହରି ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ପିଲା ମାନଙ୍କ ଦ୍ୱାରା ଆୟୋଜିତ ଶିଶୁ ଉତ୍ସବ "ମହକ' ରେ ନିଜର ଅଭିଭାଷଣ ପ୍ରଦାନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଉପଭୋଗ କରିଥିଲେ ।ସମସ୍ତ କାର୍ଯ୍ୟକ୍ରମ ଶିକ୍ଷାଶ୍ରମର ଅଧକ୍ଷ ଶ୍ରୀମାନ ଗଣେଶ ପାଢ଼ୀଙ୍କ ସମେତ ଗୁରୁଜୀ ଦେବେନ୍ଦ୍ର ଗିରି, ଗୁରୁମା କ୍ଷଣପ୍ରଭା ନାୟକ, ଗୁରୁମା ପ୍ରତିମା ବେହେରା, ଗୁରୁମା ମିନତି ରାଣୀ ସିଂ, ଗୁରୁମା ମଧୁମିତା ବେହେରା, ଗୁରୁମା ସୁଶ୍ରୀ ସୋନାଲିକା ସିଂହ , ଗୁରୁମା ସ୍ମୃତି ରେଖା ସାହୁ ପ୍ରମୁଖଙ୍କ ପ୍ରଚେଷ୍ଟାରେ ସଫଳ ରୂପେ ସମାପନ ହୋଇଯାଇଅଛି । ସର୍ବଶେଷରେ ପରିଚାଳନା କମିଟି ର ସଦସ୍ୟ ଶ୍ରୀଯୁକ୍ତ ହରିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ସ୍ମାରକୀ ପାଳନ



ପାରାଦୀପ, ୧୪/୧୧ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଭାରତର ପ୍ରତୀକାତ୍ମକ ଜାତୀୟ ସଙ୍ଗୀତ ବନ୍ଦେ ମାତରମ, ଯାହା ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇଛି ଏବଂ ସ୍ୱାଧୀନତା ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ତାହାର ୧୫୦ତମ ବାର୍ଷିକୀ ପାଳନର ପ୍ରଥମ ପର୍ଯ୍ୟାୟ ନଭେମ୍ବର ୧୪ ତାରିଖ ଶୁକ୍ରବାର ଦିନ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୀତର ଏକତା ଏବଂ ଜାତୀୟ ଗର୍ବର ସ୍ଥାୟୀ ଐତିହ୍ୟକୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦଙ୍କ ନେତୃତ୍ୱରେ ସିଆଇଏସଏଫ ମୁଣ୍ଡଲୀ ମୁଖ୍ୟାଳୟର ଏନଇଜେଡ-୩ ଡିଆଇଜି ସୁମନ୍ତ ସିଂହଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ବନ୍ଦର ଦ୍ୱାରା ପରିଚାଳିତ 'ବନ୍ଦେ ମାତରମ୍' ବିତର୍କ ପ୍ରତିଯୋଗିତାରେ ଉତ୍କର୍ଷ ହାସଲ କରିଥିବା ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ପ୍ରତିଯୋଗିତା ଯୁବ ଅଂଶଗ୍ରହଣକାରୀ ମାନଙ୍କୁ ଦେଶପ୍ରେମର ଭାବନା ଉପରେ ପ୍ରତିଫଳିତ କରିବାକୁ ଏବଂ ଆତ୍ମବିଶ୍ୱାସର ସହିତ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିବାକୁ ଉତ୍ସାହିତ କରିଥିଲା ।

